## ଆକ୍ରମଣ ଅଭିଯୋଗରେ ମହିଳା ଗିରଫ

ବଡ଼ବିଲ, (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଭୁଷୁଗାଁର କେଶରୀ ସାଣ୍ଡିଲଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ସଂପୃକ୍ତ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ହେଲେ ସୁବାସିନୀ ମହାକୁଡ଼। ଶୋଇଥିବା ଅବସ୍ଥାରେ କେଶରୀଙ୍କୁ ସେହି ଗ୍ରାମର ସୁବାସିନୀ ଏକ ଦାଉଲି ସାହାଯ୍ୟରେ ଆକ୍ରମଣ କରିଥିଲେ। ଏ ନେଇ ବଡବିଲ ପୋଲିସ ଏକ ମାମଲା (ନଂ.୧୦୩/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଖରିଫ ଧାନ ବିହନ ବିକ୍ରି ମନ୍ଥର

■ପ୍ରଭାବିତ ବିହନ ନିଗମ
■କୃଷିନୀତି ପରିବର୍ତ୍ତନ ପାଇଁ କୃଷକଙ୍କ ଦାବି

ଭୋଗରାଇ, ୧୬(ଡ଼ି. ଏନ. ଏ.)

ରାଜ୍ୟ ସରକାର ଚଳିତ ଖରିଫଋତୁରେ ଧାନ ବିହନର କୁଇଣ୍ଟାଲ ପିଛା ୧ଶହ ଟଙ୍କା ମୂଲ୍ୟ ବୃଦ୍ଧି କରିଥିବା ବେଳେ କୃଷିନୀତିରେ ବ୍ୟାପକ ପରିବର୍ତ୍ତନ କରିଥିବାରୁ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୃଷିବିଭାଗ ଚାଷୀଙ୍କୁ ପୁରା ଦାମରେ ବିହନ ନିଗମରୁ ଡିଲରଙ୍କ ମାଧମରେ ବିହନ କିଣିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସବ୍‌ସିଡି ଅର୍ଥ ଦିଆଯିବାର ସୂଚନା ଦେଇଛନ୍ତି। ଯେଉଁ କୃଷକମାନେ ପଞ୍ଜୀକୃତ ହୋଇଥିବେ ସେମାନଙ୍କୁ ଧାନ ଓ ଅଣଧାନ ବିହନ ମୋବାଇଲର ଓଟିପି ନମ୍ବର ମାଧମରେ ବିହନ କ୍ରୟ କରିବା ପାଇଁ କୁହାଯାଇଛି। ବହୁ ଗରିବ ଓ ଭାଗଚାଷୀଙ୍କ ମୋବାଇଲ ନ ଥିବା କିମ୍ବା ଓଟିପି ସମ୍ବନ୍ଧୀୟ ଜ୍ଞାନ ନ ଥିବାରୁ ଚାଷୀମାନେ ହଇରାଣ ହରକତ ହେଉଥିବା ଖବର ମିଳୁଛି। ଏଭଳି ସ୍ଥିତିରେ କୃଷିବିଭାଗ ଚାଷୀଙ୍କୁ ଧାନ କ୍ରୟର ସବ୍‌ସିଡି ଅର୍ଥ କେବେ ବ୍ୟାଙ୍କ ଖାତାକୁ ଯିବ ତାହା ସ୍ପଷ୍ଟ ନୀତି ଘୋଷଣା କରି ନ ଥିବାରୁ ବିହନ କିଣିବାକୁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି।

ଅପରପକ୍ଷରେ ବାଲେଶ୍ୱର ଜିଲାରେ ୧ଲକ୍ଷ ୯୮ହଜାର ହେକ୍ଟର ଜମିରେ ଖରିଫ ଧାନଚାଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କୃଷିବିଭାଗ ଆକଳନ କରିଥିଲା। ଅଦ୍ୟାବଧି ଭୋଗରାଇ ବ୍ଲକକୁ ୩୫, ବାଲିଆପାଳ ବ୍ଲକକୁ ୨୮, ଜଳେଶ୍ୱର ବ୍ଲକକୁ ୧ଶହ, ବସ୍ତା ବ୍ଲକକୁ ୧ଶହ ୨୦ ସମଗ୍ର ଜିଲାରେ ମୋଟ ୧୧ ଶହ ୭୦ କୁଇଣ୍ଟାଲ ମାତ୍ର ଧାନବିହନ ବିହନ ନିଗମ ଡିଲରମାନଙ୍କୁ ବିକ୍ରି ହୋଇଥିବା ବେଳେ ଚାଷୀମାନେ ଡିଲରଙ୍କଠାରୁ ବୁଧବାର ସୁଦ୍ଧା ୧୬୨.୮ କୁଇଣ୍ଟାଲ ବିହନ କିଣିଥିବା ନିଗମର ଜୋନାଲ ମ୍ୟାନେଜର ସୁଦାମ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଜିଲାର ଗଭୀର ଓ ଲୁଣି ମିଶ୍ରିତ ଜମି ପାଇଁ ବର୍ଷା, ସରଳା ଓ ଲୁଣିଶ୍ରୀ କିସମର ଧାନ ବିହନ ମିଳୁ ନ ଥିବାରୁ ଅଧିକାଂଶ ଜମି ପଡିଆ ପଡିବା ଆଶଙ୍କା ଦେଖାଦେଇଛି ବୋଲି ଚାଷୀମାନେ କ୍ଷୋଭର ସହିତ କହିଛନ୍ତି। ବିହନ ନିଗମ ଯୋଗାଇ ଦେଇଥିବା ୧୦୦୯ ସାଗୁଆନ, କଳାଚମ୍ପା, ପୂଜା ଆଦି କିସମର ଧାନ ବିହନ ନିମ୍ନମାନର ଓ ଗଜା ହେଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗର ଜଟିଳ ନୀତି ଯୋଗୁ ବିହନ ନିଗମରେ ଆଶାତୀତ ଭାବେ ବିହନ ବିକ୍ରି ହେଉ ନ ଥିବାରୁ ଗୋଦାମ ଘରେ ଗଚ୍ଛିତ ଥିବା ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ କ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଅବିଳମ୍ବେ ଓଡିଶା ସରକାର କୃଷିବିଭାଗ ନୂତନ କୃଷିନୀତି ପ୍ରତ୍ୟାହାର କରିବା ସହିତ ଚାଷୀଙ୍କୁ ପ୍ରତ୍ୟକ୍ଷ ଭାବେ ସବସିଡି ମାଧ୍ୟମରେ ବିହନ, ସାର, କୀଟନାଶକ ଔଷଧ, କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ ବିଭିନ୍ନ କୃଷକ ସଙ୍ଗଠନ ଦାବି ରଖିଛି।

## ସର୍ବଭାରତୀୟ ଯୋଗ ପ୍ରତିଯୋଗିତାରେ ମୁକ୍ତିକାନ୍ତ



ଅନ୍ୟ ବିଚାରକ ଓ ଯୋଗ ପ୍ରଚାରକଙ୍କ ଗହଣରେ ଖଇରାର ମୁକ୍ତିକାନ୍ତ।

ଖଇରା, ୧୬(ଡି.ଏନ.ଏ.)

ପଶ୍ଚିମବଙ୍ଗର ଫୁଲଘାଟଠାରେ ସର୍ବଭାରତୀୟ ଯୋଗ ପ୍ରତିଯୋଗିତାର ରୌପ୍ୟଜୟନ୍ତୀ ଉତ୍ସବରେ ଖଇରା ବ୍ଲକର ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଅଂଶଗ୍ରହଣ କରି ଖଇରା ପାଇଁ ଗୌରବ ଆଣି ଦେଇଛନ୍ତି। ସର୍ବଭାରତୀୟ ଯୋଗ ଫେଡେରେଶନ ଆନୁକୂଲ୍ୟରେ ୨୫ରୁ ୨୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୫ରୁ ୧୦୦ବର୍ଷର ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ ଦଳଗତ ଭାବେ ପଶ୍ଚିମବଙ୍ଗ ପ୍ରଥମ, ଝାଡଖଣ୍ଡ ଦ୍ୱିତୀୟ, ଗୁଜୁରାଟ ତୃତୀୟ, କର୍ଣାଟକ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ବାଲେଶ୍ୱର ଜିଲାରୁ ମୁକ୍ତିକାନ୍ତଙ୍କ ସମେତ ଦିବ୍ୟରଞ୍ଜନ ମହାନ୍ତି ବିଚାରକ ଏବଂ ସିତାଂଶୁ ଶେଖର ବେହେରା କୋଚ ରୂପେ ଅଂଶଗ୍ରହଣ କରିଥିଲେ। ଏହି ରୌପ୍ୟ ଜୟନ୍ତୀରେ ଅଂଶଗ୍ରହଣ ସବୁଦିନ ପାଇଁ ସାଇତି ରଖିବା ଭଳି ଘଟଣା ବୋଲି ଖଇରା ବ୍ଲକ ଭୋଗୁପୁର ଗ୍ରାମର ମୁକ୍ତିକାନ୍ତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କୋର୍ଟରେ ହାଜର ହେଲେ ଦୀପକ ଗୁପ୍ତା

କେନ୍ଦୁଝର, ୧୬ (ସ୍ୱ.ପ୍ର.) : କେନ୍ଦୁଝର ଜିଲାର ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ଉଲିବୁରୁ ଖଣି ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତା ବୁଧବାର କେନ୍ଦୁଝର ଭିଜିଲାନ୍ସ କୋର୍ଟରେ ହାଜର ହୋଇଛନ୍ତି। ସାକ୍ଷୀ ଅନୁପସ୍ଥିତ ଯୋଗୁ ଶୁଣାଣି ହୋଇ ପାରି ନ ଥିଲା। ଏହି ଶୁଣାଣି ଆସନ୍ତ ଜୁଲାଇ ୪ ତାରିଖକୁ ଘୁଞ୍ଚାଯାଇଛି ବୋଲି ସରକାରୀ ଓକିଲ ଦେବଦତ୍ତ ବିଶ୍ୱାଳ କହିଛନ୍ତି। ପ୍ରକାଶ ଯେ, ଉଲିବୁରୁ ଖଣି ଦୁର୍ନୀତିରେ ଦୀର୍ଘ ବର୍ଷ ଜେଲରେ ରହିବା ପରେ ଦୀପକଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରୁ ଜାମିନ ମିଳିଛି। ତେବେ ତାଙ୍କ ପରିବାରର କେତେକ ସଦସ୍ୟ ତଥା ଅନ୍ୟମାନଙ୍କୁ ଭିଜିଲାନ୍ସ ବିଭାଗ ଏବେ ମଧ୍ୟ ଧରି କୋର୍ଟରେ ହାଜର କରି ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ କେସର ଶୁଣାଣି ଆରମ୍ଭ ହୋଇସାରିଛି। କୋଭିଡ କଟକଣା କାରଣରୁ ସାକ୍ଷୀ ମାନେ କୋର୍ଟକୁ ଆସି ପାରୁନଥିଲେ। ଏଣୁ କେସ ଶୁଣାଣିରେ ବିଳମ୍ବ ଘଟୁଥିଲା। ଇତିମଧ୍ୟରେ ତଦନ୍ତକାରୀ ସଂସ୍ଥା ୨୫ ଜଣଙ୍କ ନାମରେ ଫାଇନାଲ ଚାର୍ଜସିଟ ୨୦୧୪ ମସିହା ଜୁନ ୨୪ତାରିଖରେ ଦାଖଲ କରିଛି ବୋଲି ସୂଚନା ମିଳିଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ନାବାଳକଙ୍କ ଜୀବନ ଗଲା
୨ବଳଦ, ୨କୋକିଶିଆଳି ମୃତ

କେନ୍ଦୁଝର, ୧୬(ଡି.ଏନ.ଏ./ସ୍ୱ.ପ୍ର.): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ନୟାକୋଟ ଗ୍ରାମରେ ବୁଧବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାକୋଟ ଗ୍ରାମର ନଳ ପଲେଇଙ୍କ ପୁଅ କର୍ମୁ ପଲେଇ। ଏହାସହ ୨ ବଳଦ ଏବଂ ୨ କୋକିଶିଆଳିଙ୍କର ମଧ ଜୀବନ ଯାଇଛି। ସୂଚନା ଅନୁସାରେ ଗ୍ରାମର କର୍ମୁ ପଲେଇ ବୁଧବାର ସକାଳେ ନିଜ କ୍ଷେତକୁ ହଳ କରିବାକୁ ବଳଦ ନେଇ ଯାଉଥିବା ବେଳେ ପୋଖରୀ ହୁଡା ତଳେ ଖୁଣ୍ଟରୁ ଛିଡି ତଳେ ପଡିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। କିଛି ସମୟ ପରେ ତାଙ୍କ ବାପା ନଳ ପଲେଇ କ୍ଷେତକୁ ଯାଉଥିବା ବେଳେ କର୍ମୁଙ୍କ ସହିତ ୨ ବଳଦ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ନୟାକୋଟ ପୋଲିସକୁ ଖବର ଦେଇଥିଲେ। ନୟାକୋଟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଛି। ନୟାକୋଟ ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନାବାଳକଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀ ସିଧାସଳଖ ବିଦ୍ୟୁତ ବିଭାଗକୁ ଦାୟୀ କରିଛନ୍ତି।

### ପାଣି ପାଇଁ ଅନଶନ

ଠାକୁରମୁଣ୍ଡା,୧୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ମହାନ୍ତ ସାହି ଅଙ୍ଗନୱାଡି କେନ୍ଦ୍ରଠାରେ ଏକ ନଳକୂପ ବସାଇବା ଦାବିରେ ବୁଧବାର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ନଳକୂପ ଖୋଳା ନ ଯିବାରୁ ରାଧାଶ୍ୟାମ ମହାନ୍ତଙ୍କ ନେତୃତ୍ୱରେ ଏହି ଅନଶନ କରାଯାଇଥିଲା। ବିଡିଓ ଶ୍ୟାମସୁନ୍ଦର ଟୁଡୁ, ସିଡିପିଓ ପ୍ରେମଲତା ସେଠୀ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଅନଶନସ୍ଥଳୀକୁ ଆସି ବୁଝାସୁଝା କରିବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ତହସିଲ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

## ସମସ୍ୟା ସମାଧାନ ଲାଗି ସର୍ବଦଳୀୟ ବୈଠକ ଡକାଇବାକୁ ପ୍ରସ୍ତାବ

ବାସୁଦେବପୁର, ୧୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଓ ନଗର କଂଗ୍ରେସ କମିଟିର ମିଳିତ ସହଯୋଗରେ ଅଞ୍ଚଳର ୭ ପ୍ରମୁଖ ଦାବିକୁ ନେଇ ଦଳ ପକ୍ଷରୁ ବୁଧବାର ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏନେଇ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ସମସ୍ୟା ସମାଧାନ ପାଇଁ ସର୍ବଦଳୀୟ ବୈଠକ ଡକାଇବାକୁ ପ୍ରସ୍ତାବ ଦିଆଯାଇଛି। ଧାମରା-ବାସୁଦେବପୁର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଅବଧି ଶେଷ ହୋଇଥିଲେ ମଧ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ସହ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ସହର ମଧ୍ୟରେ ଡ୍ରେନ୍ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ସେହିପରି ଅସମ୍ପୂର୍ଣ୍ଣ ରାସ୍ତା ଓ ଡ୍ରେନ୍ ପାଇଁ ସହର ମଧ୍ୟରେ ଗୁରୁତର ଟ୍ରାଫିକ ସମସ୍ୟା ଦେଖାଦେଉଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।

ହାଇସ୍କୁଲ ଛକଠାରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ରାସ୍ତା କାର୍ଯ୍ୟ ବେଳେ ଜୀବିକା ହରାଇଥିବା ଉଠା ଦୋକାନୀଙ୍କୁ ଥଇଥାନ, ତହସିଲରେ ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ଫଇସଲା କରି ଲୋକଙ୍କୁ ନ୍ୟାୟ ପ୍ରଦାନ, ଦୁର୍ନୀତିରେ ରହି ଭିଜିଲାନ୍ସର ତଦନ୍ତ ସମ୍ମୁଖୀନ ହୋଇଥିବା ଧାନକିଣା ଦାୟିତ୍ୱ ନେଇଥିବା ୩ ସ୍ୱୟଂସହାୟକ ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଧାମରା ବନ୍ଦରରେ ବାସୁଦେବପୁର ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଆଦି ଦାବି କରାଯାଇଛି। ଶତାଧିକ କଂଗ୍ରେସ କର୍ମୀ, ଯୁବ ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଶୋଭାଯାତ୍ରାରେ ସହର ପରିକ୍ରମା କରି ତହସିଲ ଅଫିସ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପିସିସି ସାଧାରଣ ସମ୍ପାଦକ ଅଶୋକ ଦାସ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ଯୁବ କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରା, ଯୁବ କଂଗ୍ରେସର ବାସୁଦେବପୁର ସଭାପତି ରାକେଶ ମହାନ୍ତି ସାମିଲ ଥିଲେ।


ତହସିଲ ଅଫିସ ଘେରାଉରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ କର୍ମୀ।

## ଟଳି ପଡିଲେ ଯୁବଚାଷୀ

ବାହାନଗା, ୧୬(ଡି.ଏନ.ଏ.)

ବାହାନଗା ବ୍ଲକ କସପାଜୟପୁରା ପଞ୍ଚାୟତର ଜିରିତାଳ ଗ୍ରାମର ଜଣେ ଯୁବ ଚାଷୀ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସୋମନାଥପୁର ଅଞ୍ଚଳର ବନମାଳୀ ସିଂଙ୍କ ପୁଅ ହନୁ (୨୭) ତାଙ୍କ ଭିଣୋଇ ଘର ଜିରିତାଳ ଗ୍ରାମରେ ରହି ଚାଷକାମ କରିଥାନ୍ତି। ତେବେ ସେ ଚାଷକାମ ବିଲରୁ ସାରି ଘରେ ଖାଇ ଉଠୁଥିବା ବେଳେ ହଠାତ୍ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ବୃଦ୍ଧ ମୃତ

ସୋର, ୧୬(ଡି.ଏନ.ଏ.)

ସୋର ଥାନା ଅଧୀନ ଜାତୀୟ ରାଜପଥ କଲେଜ ଛକ ନିକଟରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିବା ବେଳେ ନାତି ଗୁରୁତର ହୋଇପଡିଛନ୍ତି। ସୋର ଥାନା ସୁନାରୀ ଗ୍ରାମର ଦିବାକର ମାଝି (୬୫) ଓ ନାତି ଗଜେନ୍ଦ୍ର ମାଛ ଧରି ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ପଛରୁ ଏକ ଅଜଣା ବାଇକ୍ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ। ଗଜେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ ମାମଲା(ନଂ. ୨୬୨/୨୨) ରୁଜୁ କରି ତଦନ୍ତ କରୁଛି।

# ୭ ପରିବାରକୁ ହାଇକୋର୍ଟଙ୍କ ଉଚ୍ଛେଦ ନୋଟିସ

## ଗୋଚର ଜମିରେ ୨୧ବର୍ଷ ହେଲା ରହିଆସୁଛନ୍ତି

ରୂପସା,୧୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତର ଚକଅର୍ଜୁନି ଗ୍ରାମର ଗୋଚର ଜମିରେ ୨୧ବର୍ଷ ହେଲା ବସବାସ କରି ଆସୁଥିବା ୭ ପରିବାରଙ୍କୁ ଉଚ୍ଛେଦ ଲାଗି ହାଇକୋର୍ଟ ନୋଟିସ୍ ଦେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଏହି ନୋଟିସ ମିଳିବା ପରେ ଏହି ପରିବାର ଲୋକେ ବିଚଳିତ ହୋଇପଡ଼ିଛନ୍ତି। ଏହି ୭ ପରିବାରରେ ୪୦ ଜଣ ସଦସ୍ୟ ଭବିଷ୍ୟତ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହି ୭ ପରିବାର ମଧ୍ୟରୁ ୫ ପରିବାର ଆଦିବାସୀ ସମ୍ପ୍ରଦାୟର। ଅନ୍ୟ ଦୁଇ ପରିବାର କୁମ୍ଭାର ଜାତିର ଅଟନ୍ତି। ସମସ୍ତେ ଖଟିଖିଆ ଓ ଦିନମଜୁରିଆ।

୨୧ବର୍ଷ ପୂର୍ବେ ଏଠାକାର ଲୋକେ ତାଙ୍କୁ କାମ କରିବା ଲାଗି ଆଣିଥିଲେ। ଦୀର୍ଘବର୍ଷ ପରିଶ୍ରମ କରି ସେମାନେ ନିଜର ବାସସ୍ଥାନ ପ୍ରସ୍ତୁତ କରିଛନ୍ତି। ଏଭଳି ସମୟରେ ସେମାନଙ୍କୁ ଜାଗା ଛାଡ଼ି ଯିବାକୁ କହିଲେ ସେମାନେ କୁଆଡ଼େ ଯିବେ ବୋଲି ପ୍ରଶ୍ନ କରିଛନ୍ତି। ମଙ୍ଗଳବାର ଏହି ଲୋକମାନେ ବସ୍ତା ତହସିଲଦାରଙ୍କୁ ଭେଟି ନିଜର ଦୁଃଖ ଜଣାଇଥିଲେ। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ଉଚ୍ଛେଦ କରାଯିବ ବୋଲି ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସ ସୂଚନା ଦେବା ସହିତ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପରେ ଉକ୍ତ ପରିବାର ଲୋକଙ୍କ ଥଇଥାନ ପାଇଁ ଚେଷ୍ଟା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ୪୮ ଅଭିଯୋଗର ଶୁଣାଣି

ଭଦ୍ରକ ଅଫିସ, ୧୬

ଭଦ୍ରକ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତ୍ରିଲୋଚନ ମାଝି ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ କଟିଥିବା ଆଦି ସମୁଦାୟ ୪୮ ଅଭିଯୋଗର ଶୁଣାଣି କରିଛନ୍ତି। ସେଥିମଧ୍ୟରୁ ୪୭ଟି ବ୍ୟକ୍ତିଗତ ଏବଂ ଗୋଟିଏ ସାମୂହିକ ସମସ୍ୟାଭିତ୍ତିକ ଥିଲା। ଏଏସ୍‌ପି ବିଜୟ ରଞ୍ଜନ କେରକେଟା, ଉପଜିଲାପାଳ ମନୋଜ ପାତ୍ର, ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉର୍ମିଳା ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପାତ୍ର, ବିଡିଓ ସୀତାକାନ୍ତ ରାଉତ, ସହକାରୀ ଜିଲାପାଳ ବସନ୍ତ ଲେଙ୍କା ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଚଣ୍ଡୀଗାଁ ପଞ୍ଚାୟତରେ ଥିବା ୫୦ ଆଦିବାସୀ ପରିବାରକୁ ଘରଡିହ ପଟ୍ଟା ମିଳି ନ ଥିବା ନେଇ ସରପଞ୍ଚଙ୍କ ଅଭିଯୋଗର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଭଦ୍ରକ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ।

## ଜାଲ୍ ସାର୍ଟିଫିକେଟ ଦେଇ ଚାକିରି: ଶିକ୍ଷକଙ୍କ ବିରୋଧରେ ମାମଲା

ପାଟଣା, ୧୬( ସ୍ୱ. ପ୍ର.)

ଚାକିରିରେ ଜାଲ ବିଏଡ୍ ସାର୍ଟିଫିକେଟ ଦେଇ ସରକାରୀ ଚାକିରି ହାତେଇ ଥିବା ଜଣେ ପ୍ରଧାନଶିକ୍ଷକଙ୍କୁ ହରଡ଼ଘଣାରେ ପଡିବାକୁ ପଡିଛି। ଉକ୍ତ ପ୍ରଧାନ ଶିକ୍ଷକଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକ ହେଲେ କେନ୍ଦୁଝର ଜିଲା ସାହାରପଡା ବ୍ଲକ ବିଲା ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ବେହେରା। ଏନେଇ ରବିବାର ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ମଦନ ମୋହନ ନାଏକ କହିଛନ୍ତି। ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଜଣକ ଅବସର ଗ୍ରହଣ କରିବାକୁ ମାତ୍ର ୨ ମାସ ଥିବା ବେଳେ ଜାଲ ସାର୍ଟିଫିକେଟ ଦେଇ ସରକାରୀ ଚାକିରୀ ହାତେଇ ଏବେ ହଟହଟା ହେଉଥିବା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଶିକ୍ଷକ ନିଯୁକ୍ତି ସମୟରେ ସାର୍ଟିଫିକେଟକୁ ଠିକ ଭାବେ ଅଧିକାରୀ ମାନେ ଯାଞ୍ଚ କରୁନଥିବା , ସମ୍ପୃକ୍ତ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟଙ୍କୁ ପ୍ରମାଣ ପତ୍ର ପଠାଇ ଯାଞ୍ଚ ନ କରି ନିଯୁକ୍ତି ଦେଉଥିବାରୁ ଶିକ୍ଷା ବିଭାଗ ଠକାମୀର ଶିକାର ହେଉଥିବା ଆଲୋଚନା ହେଉଛି।

## କୁଶଳେଶ୍ୱର ଶୈବ ପୀଠରୁ ରୁପା ମୂର୍ତ୍ତି ଚୋରି

ଆନନ୍ଦପୁର/ଘସିପୁରା,୧୬(ସ୍ୱ.ପ୍ର./ଡି.ଏନ୍.ଏ.)

ଘସିପୁରା ଥାନା ଅଧିନ ଦେଓଗାଁର ପ୍ରସିଦ୍ଧ କୁଶଳେଶ୍ୱର ମହାଦେବଙ୍କ ପୀଠରୁ ଚନ୍ଦ୍ରଶେଖରଙ୍କ ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି। ରୁପାରେ ନିର୍ମିତ ଏହି ମୂର୍ତ୍ତିର ଓଜନ ୧୦କେଜି ଓଜନରୁ ଊର୍ଦ୍ଧ୍ୱ ହେବବୋଲି ସୂଚନା ମିଳିଛି। ବୁଧବାର ପ୍ରତ୍ୟୁଷରୁ ପୂଜକ ନୀତିକାନ୍ତି କରିବା ପାଇଁ ଆସିଥିବାବେଳେ ମନ୍ଦିରର ଚାବି ଭାଙ୍ଗି ମୂର୍ତ୍ତି କିଏ ଚୋରାଇନେଇଥିବା ଜାଣିବାକୁ ପାଇଥିଲେ। ଖବର ପାଇ ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମନ୍ଦିରର ନୀତିକାନ୍ତି ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ପବିତ୍ର କରାଯାଇ ନୀତିକାନ୍ତି ସ୍ୱାଭାବିକ କରାଯାଇଥିବା ପୂଜକ ଧର୍ମାନନ୍ଦ ପତି ସୂଚନା ଦେଇଛନ୍ତି।

## ବୃଦ୍ଧାଙ୍କ ମୃତଦେହ ଜବତ

ସାରସକଣା,୧୬(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ବୁଧବାର ଘିଆଯୋଡ଼ି ଅଞ୍ଚଳ ନର୍ସରୀ ନିକଟରୁ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ଅବସର କାଳୀନ ସମ୍ବର୍ଦ୍ଧନା

ପାଟଣା, ୧୬(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର ବତ୍ସଳ ହିନ୍ଦୀ ଶିକ୍ଷକ ଯତୀନ୍ଦ୍ର କୁମାର ପଲେଇଙ୍କୁ ବିଦ୍ୟାଳୟ ସଭା ଗୃହରେ ବୁଧବାର ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ପାର୍ଥସାରଥୀ ବେଜଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବଡ଼ପାଟଣା ସରପଞ୍ଚ ବିନତି ବାନରା, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ଭରତ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା କମଳା କାନ୍ତ ପତି, ଅବସର ପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ପଲେଇଙ୍କ ଅନୁଷ୍ଠାନ ପ୍ରତି ଥିବା ତ୍ୟାଗ, କର୍ତ୍ତବ୍ୟ ନିଷ୍ଠାକୁ ଭୂୟସୀ ପ୍ରଶଂସା କରିଥିଲେ।

# ଲିଙ୍ଗଗତ ସମ୍ବେଦୀକରଣ ସମ୍ପର୍କିତ ଆଲୋଚନାଚକ୍ର

ବାଲେଶ୍ୱର ଅଫିସ, ୧୬

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଆନୁକୂଲ୍ୟରେ 'ଲିଙ୍ଗଗତ ସମ୍ବେଦୀକରଣ' ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୀତାଞ୍ଜଳି ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ନାରୀର ସାମାଜିକ-ସାଂସ୍କୃତିକ ସମୁନ୍ନତି ଓ ମନସ୍ତାତ୍ତ୍ୱିକ ଉତ୍ତରଣ କିପରି ଏକ ସମରାଷ୍ଟ୍ରର ପରିକଳ୍ପନାରେ ବାଧକ ନ ହୋଇ ସହାୟକ ହୋଇପାରିବ ସେ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସମ୍ପାଦିକା ମମତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ-ପୁରୁଷ କେବଳ ଏକ ଦ୍ୱୈତ ପ୍ରତିବାଦୀ ଶବ୍ଦ, ସମ୍ପ୍ରତି ନାରୀର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଚଳିତ ଶତାବ୍ଦୀର ଏକ ସମୟୋଚିତ ଆବଶ୍ୟକତା ବୋଲି ମତ ଦେଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଧୁନିକ ଭାରତବର୍ଷରେ ନାରୀ ସଶକ୍ତିକରଣର ପ୍ରାସଙ୍ଗିକତା ସମାଜର ଏକ ବୃହତ୍ତର ହିତସାଧନ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ପ୍ରକାଶ କରିଥିଲେ। ସେହିପରି ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମୀନା ଦାସ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଭାପତି ଡ. ରୋଜାଲିନ୍ ପ୍ରମୁଖ ଉପସ୍ଥିତ ରହି ନାରୀ ନିକଟରେ ରହିଥିବା ମାନବୀୟ ସମ୍ବେଦନଶୀଳତାର ମାର୍ମିକତା ଜନିତ ଉପଲବ୍ଧି ସମାଜକୁ ସଭ୍ୟ ଓ ସାର୍ଥକ ରୂପେ ଗଢ଼ିବାର ଭିତ୍ତିଭୂମି ଯୋଗାଇଥାଏ ବୋଲି ମତବ୍ୟକ୍ତ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# 'ସରକାରଙ୍କ ଆଭିମୁଖ୍ୟକୁ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ କର'

## ପଞ୍ଚାୟତ ସମିତିର ତୃତୀୟ ବୈଠକ

ଭଣ୍ଡାରିପୋଖରୀ,୧୬(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ତୃତୀୟ ବୈଠକ ଅଧ୍ୟକ୍ଷା ସୁମତି ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପଞ୍ଚାୟତ ଆଭିମୁଖ୍ୟ ଓ ଜନକଲ୍ୟାଣକାରୀ କାର୍ଯ୍ୟ ବାବଦରେ ବିଧାୟକ ସାମଲ ବୈଠକରେ ବିସ୍ତୃତ ବିବରଣୀ ଦେଇଥିଲେ। ଏହାବ୍ୟତୀତ ନିର୍ବାଚିତ ହେବା ପରେ ପ୍ରତିନିଧିମାନେ କୌଣସି ରାଜନୈତିକ ଦଳର ନୁହେଁ ବୋଲି ବିଧାୟକ କହିବା ସହ ସରକାରଙ୍କ ଆଭିମୁଖ୍ୟକୁ ପଞ୍ଚାୟତ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ପରାମର୍ଶ ଦେଇଥିଲେ।

ଏଥିରେ ଜଳ ଯୋଗାଣ ଓ ପରିମଳ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ସାଧାରଣ ବଣ୍ଟନ, ଭତ୍ତା, ମତ୍ସ୍ୟ ବିଭାଗ ସହ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରୁ ନ ଥିବା ଅନେକ ସଭ୍ୟାସଭ୍ୟ ବୈଠକରେ ଅଭିଯୋଗ କରିଥିଲେ। ସେହିପରି ଅନେକ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଜଳଖିଆ ଓ ରନ୍ଧାଖାଦ୍ୟ ଦିଆ ଯାଉ ନ ଥିବା ସରପଞ୍ଚ, ସମିତିସଭ୍ୟମାନେ କହିଥିଲେ। ବିଭାଗୀୟ ଅଧିକାରୀ ଏନେଇ ତଦାରଖ କରୁ ନ ଥିବା ଅଭିଯୋଗ ହୋଇଥିଲା।

ଗ୍ରାମ୍ୟ ଜଳ ଯୋଗାଣ କ୍ଷେତ୍ରରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ଅଚଳ ହୋଇଯାଇଥିବା ବେଳେ ଯନ୍ତ୍ରୀମାନେ ସ୍ଥାଣୁ ପାଲଟି ଯାଇଥିବା ସଭ୍ୟ ପରମାନନ୍ଦ ନାୟକ ଓ ସଭ୍ୟା ରିତାଞ୍ଜଳି ସାମଲ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥା ଠିକ୍ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ସନ୍ତୋଷ ନାୟକ, ସନ୍ତୋଷ ମହାପାତ୍ର, ସାଧନାଞ୍ଜଳି ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମାଝି ପ୍ରମୁଖ ଦାବି ଜଣାଇଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ତହସିଲଦାର ସରୋଜକାନ୍ତ ନାୟକ, ବିଡିଓ ଦେବଦତ୍ତ ଦାସ, ଥାନା ଅଧିକାରୀ ଅମିତାଭ ଦାସ, ଜିଲା ପରିଷଦ ସଭ୍ୟ ବଦ୍ରି ନାରାୟଣ ରାଉତ, ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ ଓ ୨୩ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୀନକେତନ ବାରିକ ବିବରଣୀ ପାଠ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ଧରିତ୍ରୀ
DHARITRI
ଗୁରୁବାର, ୨ ଜୁନ ୨୦୨୨

**୨ଜଣଙ୍କ ଘରୁ ଟଙ୍କା, ସୁନା ଲୁଟ**

ଉଦଳା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳର ଦୁଇ ଜଣଙ୍କ ଘରୁ ଚୋରି ହୋଇଛି। ଆର୍‌ଆଇ ଭାବେ କାର୍ଯ୍ୟ କରୁଥିବା ପାଟପୁର ଗ୍ରାମର ମନୀଷା ସାହୁ ବୁଧବାର ସକାଳେ ଘରେ ନ ଥିବା ବେଳେ ଲୁଟେରାମାନେ ତାଙ୍କ ଘରେ ପଶି ୩୦ ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସେହିପରି ଉଦଳା ଏନ୍‌ଏସି ଅଧୀନ ୧୨ନଂ. ୱାଡ ବାସିନ୍ଦା ଶିକ୍ଷକ ହିମାଂଶୁ କୁମାର ପୁହାଣଙ୍କ ଘରୁ ମଙ୍ଗଳବାର ରାତିରେ ୫ ହଜାର ଟଙ୍କା ସମେତ ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।



# ନଳିତା ଚାଷରୁ ମୁହଁ ଫେରାଇଲେଣି ଚାଷୀ

**ଗୋପାଳ ଚନ୍ଦ୍ର ସାହୁ**
**ବାଲିଆପାଳ,୧୬**

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ସୁବର୍ଣ୍ଣରେଖା ନଦୀ ଅବବାହିକାର ମୃତ୍ତିକା ଓ ଜଳବାୟୁ ନଳିତା ଚାଷ ପାଇଁ ବେଶ୍ ଅନୁକୂଳ। ପୂର୍ବରୁ ଏଠାରେ ଏତେ ପରିମାଣରେ ନଳିତା ଚାଷ ହେଉଥିଲା ଯେ ତାହା କୃତ୍ରିମ ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିଲା। ଏହାକୁ ନଜରରେ ରଖି ୩୦ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଖୋଟ ନିଗମ ପକ୍ଷରୁ ଏକ ଖୋଟ କ୍ରୟ କେନ୍ଦ୍ର ଖୋଲାଯାଇଥିଲା। ୧୬/୧୭ ବର୍ଷ ପର୍ଯ୍ୟନ୍ତ ନିଗମ ପ୍ରତିବର୍ଷ ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟମୂଲ୍ୟରେ ଖୋଟ କିଣୁଥିଲା। ଫଳରେ ଖୋଟଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବୃଦ୍ଧି ପାଇବା ସହ ଉଚିତ୍ ମୂଲ୍ୟ ମଧ୍ୟ ପାଉଥିଲେ। ୨୦୦୭ରୁ ଏହି ନିଗମ ବନ୍ଦ ରହି ଏଠାରୁ ସମ୍ପୂର୍ଣ୍ଣ ଉଠିଯାଇଛି। ଫଳରେ ଚାଷୀମାନେ ଉତ୍ପାଦନ କରୁଥିବା ଖୋଟକୁ କମ୍ ଦାମ୍‌ରେ ବାହାର ରାଜ୍ୟର ଦଲାଲଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବଜାର ସୁବିଧା ଓ ପ୍ରୋତ୍ସାହନ ଅଭାବରୁ ଖୋଟ ଚାଷୀମାନେ ଦିନକୁ ଦିନ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଉଛନ୍ତି।

ଜିଲାରେ ସର୍ବବୃହତ୍ ଖୋଟ ଉତ୍ପାଦନକାରୀ ବ୍ଲକ ଭାବେ ବାଲିଆପାଳ ତା'ର ପରିଚୟ ସୃଷ୍ଟି କରିଥିଲା। ସୁବର୍ଣ୍ଣରେଖା ନଦୀ ଅବବାହିକାରେ ଥିବା ବାଲିଆପାଳ ବ୍ଲକର କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଦେଭୋଗ, ଘଣ୍ଟୁଆ, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ନଳିତା ଚାଷ ହେଉଥିଲା। ଖୋଟରେ କାର୍ପେଟ୍, ଅଖା ବ୍ୟାଗ୍, ରଶି ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ପ୍ରସ୍ତୁତ କରାଯାଏ। ସେହିପରି ଏଥିରୁ ବାହାରୁଥିବା କାଉଁରିଆକୁ ଗ୍ରାମାଞ୍ଚଳରେ ପ୍ରମୁଖ ଜାଳେଣି ଭାବେ ବ୍ୟବହାର କରାଯାଏ। ଏହାକୁ ଦୃଷ୍ଟିରେ ରଖି ୮୦ ଦଶକରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ଗଦାଧର ଗିରି ବାଲିଆପାଳରେ ସମବାୟ ସମିତି ଭିତ୍ତିରେ ଏକ ଖୋଟ ମିଲ୍ ସ୍ଥାପନର ସ୍ୱପ୍ନ ଦେଖିଥିଲେ। ତାଙ୍କର ଅକାଳ ବିୟୋଗ ପରେ ଏହି ସ୍ୱପ୍ନ ଅଧୁରା ରହିଗଲା। ତେବେ ବାଲିଆପାଳରେ ପର୍ଯ୍ୟାପ୍ତ ପରିମାଣର


ନଳିତା ଚାଷଜମିରେ ଚାଷୀ।

ଖୋଟକୁ ଦେଖି କେନ୍ଦ୍ର ସରକାରଙ୍କ ଖୋଟ ନିଗମ ପକ୍ଷରୁ ଏକ ଖୋଟ କ୍ରୟ କେନ୍ଦ୍ର ଖୋଲାଯିବା ପରେ ଚାଷୀଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। ୨୦୦୭ରୁ ତାହା ବନ୍ଦ ହୋଇଯିବାପରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଏପରି କି ଖୋଟର ସରକାରୀ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୦୦୦ରୁ ୩୨୦୦ ଟଙ୍କା ରହିଥିବା ବେଳେ ମାତ୍ର ୨୦୦୦ରୁ ୨୨୦୦ ଟଙ୍କାରେ ଚାଷୀ ବିକ୍ରି କରୁଛନ୍ତି। ଜାତିସଂଘ ପ୍ଲାଷ୍ଟିକ୍ ବଦଳରେ ପରିବେଶ ସୁରକ୍ଷା ପାଇଁ ଖୋଟ ତିଆରି ସାମଗ୍ରୀ ଉପରେ ଗୁରୁତ୍ୱ ଦେଉଛି। ଖୋଟର ଅଭାବୀ ବିକ୍ରି ବାଲିଆପାଳ ଅଞ୍ଚଳର ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଉଛି। ରାଜ୍ୟ ସରକାର କୃଷକମାନଙ୍କ ଆୟ ବଢ଼ାଇବା ପାଇଁ କୃଷି ବଜେଟ, କୃଷି କ୍ୟାବିନେଟ ଭଳି ଅନେକ ପଦକ୍ଷେପ ନେଉଛନ୍ତି। ଧାନଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏହି ଅର୍ଥକରୀ ଫସଲ ପାଇଁ ବଜେଟ କିମ୍ବା କୃଷିନୀତିରେ ସେପରି କୌଣସି ବ୍ୟବସ୍ଥା ନାହିଁ। ଚାରବସ୍ତକାରୁଇ ଗ୍ରାମର ଚାଷୀ ସନ୍ନ୍ୟାସୀ ସାହୁ ଓ ଚୌଧୁରୀକୁଦ ଗ୍ରାମର ଚାଷୀ ପଞ୍ଚାନନ ସାହୁ କୁହନ୍ତି, ଏବେ ନଳିତା ଚାଷ ଏକ ଖର୍ଚ୍ଚବହୁଳ ହୋଇଯାଇଛି। ଏହି ଚାଷରେ ଯେତିକି ଖର୍ଚ୍ଚ ହେଉଛି ସେହି ତୁଳନାରେ ଲାଭ ମିଳୁ ନ ଥିବାରୁ ପୂର୍ବାପେକ୍ଷା ଚାଷକୁ କମାଇ ଦେଇଛୁ।

କୃଷି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୫ବର୍ଷ ହେବ ବାଲିଆପାଳ ଅଞ୍ଚଳରେ ଖୋଟଚାଷ କମି କମି ଯାଉଛି। ୧୯୭୦ରୁ ୨୦୦୦ ପର୍ଯ୍ୟନ୍ତ ଉକ୍ତ ବ୍ଲକରେ ୧ହଜାର ହେକ୍ଟରରୁ ଅଧିକ ଜମିରେ ନଳିତା ଚାଷ ହେଉଥିଲା। ୨୦୦୦ ପରଠାରୁ ଏହା କମି କମି ଗତବର୍ଷ ୨୦୦ ହେକ୍ଟର ଜମିରେ ଚାଷ ହୋଇଥିବା ବେଳେ ଚଳିତବର୍ଷ ମାତ୍ର ୧୫୦/୧୮୦ ହେକ୍ଟର ଜମିରେ ଚାଷ ହୋଇଛି। ଫଳରେ ଧୀରେ ଧୀରେ ଏହି ଚାଷ ଉଭାନ ହୋଇଯାଉଛି। ସରକାରୀ ସ୍ତରରେ ଚାଷୀଙ୍କୁ ପ୍ରୋତ୍ସାହନ ସହ ସ୍ଥାୟୀ ବଜାର ସୁବିଧା ଯୋଗାଇଦେଲେ ବାଲିଆପାଳ ବ୍ଲକ ସମେତ ଜିଲା ଓ ରାଜ୍ୟର ଅନ୍ୟ ଅଞ୍ଚଳରେ ମଧ୍ୟ ଖୋଟଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବୃଦ୍ଧି ପାଇପାରନ୍ତା। ଏ ସମ୍ପର୍କରେ କୃଷି ଅଧିଦର୍ଶକ କାର୍ତ୍ତିକ ଜେନା କହିଛନ୍ତି, ବାଲିଆପାଳରେ ଖୋଟ ବିକ୍ରି ପାଇଁ ବଜାର ସୁବିଧା ନାହିଁ। ଚାଷୀମାନେ ଯେତିକି ଅର୍ଥ ଖର୍ଚ୍ଚ କରୁଛନ୍ତି, ସେହି ଅନୁସାରେ ଲାଭ ପାଉନାହାନ୍ତି। ଆଗାମୀ ଦିନରେ ସରକାରୀ ସୁବିଧା ମିଳିଲେ ସେମାନଙ୍କ ପାଇଁ ବ୍ୟବସ୍ଥା କରାଯିବ।

## ଆନ୍ଦୋଳନକୁ ଓହ୍ଲାଇବ ଭଞ୍ଜସେନା

**ଉଦଳା,୧୬(ଡି.ଏନ.ଏ.)**

ନବ ରୂପାନ୍ତର ପ୍ରକ୍ରିୟାରେ ରାଜ୍ୟର ବିଭିନ୍ନ ମନ୍ଦିରକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ମୟୂରଭଞ୍ଜ ଜିଲାକୁ ଉପେକ୍ଷା କରାଯାଇଥିବା ଅଣ ରାଜନୈତିକ ସଙ୍ଗଠନ ଭଞ୍ଜସେନା ଅଭିଯୋଗ କରିଛି। ଶିମିଳିପାଳର ସୌନ୍ଦର୍ଯ୍ୟ ବଢାଉ ଥିବା ଶକ୍ତିପୀଠ ମା' ଅମ୍ବିକାଙ୍କ ପୀଠ ଦେବକୁଣ୍ଡର ନବ ରୂପାନ୍ତର ନିମନ୍ତେ କୌଣସି ଅନୁଦାନ ପ୍ରଦାନ କରାଯାଇ ନାହିଁ। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ଭଞ୍ଜସେନା। ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ସହିତ ଐତିହ୍ୟ ସ୍ଥଳୀଗୁଡ଼ିକ ସଂରକ୍ଷଣ ହେଲେ ଦେଶ ବିଦେଶରୁ ବହୁ ଭକ୍ତ ଓ ପର୍ଯ୍ୟଟକ ମୟୂରଭଞ୍ଜକୁ ଆସିବା ସହିତ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ହୋଇ ପାରିବ। ଏହା ସହିତ ଅନେକ ବେକାର ଯୁବତୀ ଯୁବକ ରୋଜଗାରକ୍ଷମ ହୋଇପାରିବେ। କ୍ରମାଗତ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଅବହେଳା ପ୍ରତିବାଦରେ ଆସନ୍ତା ୨୪ତାରିଖରେ ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ପକ୍ଷରୁ ଉଦଳା ସ୍ଥିତ ହାଇସ୍କୁଲ ଟ୍ରାଫିକ ଛକ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଏମ୍‌ପିଙ୍କ ଦ୍ୱାରା ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ରୂପସା, ୧।୬(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ମଥାନୀସ୍ଥିତ ମାଗୁଣି ଚରଣ ବାଳାଶ୍ରମର ନୂତନ ଶ୍ରେଣୀଗୃହକୁ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଏମ୍‌ପି ନିଜସ୍ୱ ଅନୁଦାନ ପାଣ୍ଠିରୁ ଏହି ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବାଳାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ହରିହର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କୁନି ପିଲାଙ୍କ ଗହଣରେ କିଛି ମୁହୂର୍ତ୍ତ ବିତାଇବା ସହ ସେମାନଙ୍କ ଭବିଷ୍ୟତ ନିର୍ମାଣ ଦିଗରେ ଗୁରୁମା, ଗୁରୁଜୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ ଏମ୍‌ପି ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଭାଜପା ନେତା ସୂର୍ଯ୍ୟ ନାରାୟଣ ସାହୁ, ରବୀନ୍ଦ୍ର ଜୈନ, ଧିରେନ୍ ସେଠୀ, ବିଜୟ୍ ସିଂହ, ଦିବାକର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ତରଫରୁ ବିଜୟିନୀ ରାଜ, ସସ୍ମିତା ରାଉତ, ସୁବ୍ରତ କୁମାର ମହାପାତ୍ର, ବୈଶାଳୀ ମହାନ୍ତି, ସତ୍ୟଜିତ ପାତ୍ର, ସରୋଜ କୁମାର୍ ମହାନ୍ତି, ମିନାକ୍ଷୀ ଜେନା, ଡା ପ୍ରସୁନ ସେନାପତି, ପ୍ରଜ୍ଞାପରମିତା ବେହେରା, ରଶ୍ମୀରେଖା ସାହୁ ଓ ସଙ୍ଗୀତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ନଦୀରୁ ମୃତଦେହ ଜବତ

ଖୁଣ୍ଟା/କୁଆମରା,୧।୬(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଙ୍ଗରା ନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ଶିବପ୍ରସାଦ କାର୍ଜୀ। ମଙ୍ଗଳବାର ମଧ୍ୟାହ୍ନ ସମୟରେ ସେ ଗାଧୋଇବା ପାଇଁ କହି ଘରୁ ବାହାରି ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳିପାରି ନ ଥିଲା। ଅପରାହ୍ନରେ ଶିବପ୍ରସାଦଙ୍କର ମୃତଦେହ ବାଙ୍ଗରା ନଦୀ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୯/୨୨) ରୁଜୁ ହୋଇଛି। ସେହିପରି ଖୁଣ୍ଟା ଥାନା ସାନ ଓଳିଆ ଗ୍ରାମର ମାହି ଟୁଡୁ କୀଟନାଶକ ପିଇ ଗୁରୁତର ଅବସ୍ଥାରେ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୮/୨୨) ରୁଜୁ ହୋଇଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୈଶିଙ୍ଗା,୧।୬(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ସନ୍ତରା ସ୍ଥିତ ଜନତା ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଚ୍ୟୁତ କୁମାର ମହାପାତ୍ରଙ୍କୁ ମଙ୍ଗଳବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସାତୀ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟା ଶିକ୍ଷକ ସଂଘର ଜିଲା ଯୁଗ୍ମ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ବ୍ଲକ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ସୂର୍ଯ୍ୟାନନ୍ଦ ନାଏକ , ସ୍କୁଲ ପରିଚାଳନା କମିଟି ସଭାପତି ହରେକୃଷ୍ଣ ମହାପାତ୍ର , ଶିକ୍ଷାବିତ ଗଣେଶ ଚନ୍ଦ୍ର ବିନ୍ଧାଣି , ସୁଦାମ କୁମାର ସାହୁ, ପୂର୍ଣ୍ଣ ଚନ୍ଦ୍ର ସେଠୀ, ପ୍ରଦୀପ କୁମାର ମହାନ୍ତ, ସୀମା ମିଶ୍ର, ପ୍ରମିଳା ଷଡ଼ଙ୍ଗୀ, ରଶ୍ମିରେଖା ବାରିକ, କାନନବାଳା କର ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

### ଅବସରପ୍ରାପ୍ତ ଯବାନଙ୍କୁ ସ୍ୱାଗତ

ଠାକୁରମୁଣ୍ଡା,୧।୬(ଡି.ଏନ.ଏ.)- ଭାରତୀୟ ସେନା ବାହିନୀରୁ ଅବସର ନେଇ ଗାଁକୁ ଫେରିବା ପରେ ଜଣେ ଯବାନଙ୍କୁ ଅଞ୍ଚଳବାସୀ ସ୍ୱାଗତ ଜଣାଇଛନ୍ତି। ଠାକୁରମୁଣ୍ଡା ବ୍ଲକ ଖଣ୍ଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରୁଡି ଗ୍ରାମରେ ଜନ୍ମିତ ଚନ୍ଦ୍ରମୋହନ ଟୁଡୁ ୨୦୦୫ରେ ସେନାବାହିନୀରେ ଯୋଗ ଦେଇଥିଲେ। ଦୀର୍ଘ ୧୭ ବର୍ଷ ଧରି ଦେଶ ମାତୃକାର ସେବା କରି ଅବସର ପରେ ବୁଧବାର ନିଜ ଗାଁକୁ ଫେରିଥିଲେ। ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଇଥିଲେ। ତାଙ୍କୁ ସ୍ୱାଗତ କରିବା ଲାଗି କେନ୍ଦୁଜିଆଣିଠାରୁ ବୁରୁଡି ଗ୍ରାମ ପର୍ଯ୍ୟନ୍ତ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ, ବାଦ୍ୟ, ନାଚ ପରିବେଷଣ କରାଯାଇଥିଲା।

## ୩ ମାସ ପରେ ବି ବସିଲାନି ପଞ୍ଚାୟତ ସମିତି ବୈଠକ


ଖବରଦାତା ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେଶ ନାଏକ ଓ ଅନ୍ୟମାନେ।

**ଚମ୍ପୁଆ,୧।୬(ଡି.ଏନ.ଏ.)**

ସରକାର ଗ୍ରାମାଞ୍ଚଳର ଉନ୍ନତିକୁ ଅଗ୍ରାଧିକାର ଦେଉଥିବା ବେଳେ ଚମ୍ପୁଆ ବ୍ଲକରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ନିର୍ବାଚନ ସରିବାର ୩ମାସ ପରେ ବି ପଞ୍ଚାୟତ ସମିତି ବୈଠକ ବସି ପାରି ନାହିଁ। ପଞ୍ଚାୟତ ସମିତି ଅଧୀନ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଦସ୍ୟମାନଙ୍କ ସହ ଆଲୋଚନା ପରେ ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ ଏକ ଖବରଦାତା ସମ୍ମିଳନୀ ଡାକି ବିଡିଓଙ୍କ ଅବହେଳାକୁ ଦାୟୀ କରିଛନ୍ତି।

ଅଧ୍ୟକ୍ଷ ନାଏକଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ସମିତି ନିର୍ବାଚନ ୩ମାସ ହେବ ଶେଷ ହୋଇଥିଲେ ହେଁ ବିଡିଓ ଜ୍ୟୋତ୍ସ୍ନା ନାଏକ ବୈଠକ ଡକାଉ ନାହାନ୍ତି। ତାଙ୍କୁ ୨ରୁ ୩ ଥର ମୌଖିକ ଓ ପରେ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରୁ ନାହାନ୍ତି। ଏପରିକି ସ୍ୱଚ୍ଛ ଭାରତ ବୈଠକକୁ ଲୋକ ପ୍ରତିନିଧିମାନଙ୍କୁ ଡକାଯାଉଛି। ମାତ୍ର ପଞ୍ଚାୟତ ସମିତି ବୈଠକ କରାଯାଉ ନାହିଁ। ଫଳରେ ଜନ ପ୍ରତିନିଧିମାନଙ୍କର ସମ୍ମାନରେ ଆଞ୍ଚ ଆସିବା ସହିତ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ୩ ମାସ ମଧ୍ୟରେ ଜନ ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳରେ ସମସ୍ୟା ବିଷୟରେ ଅବଗତ କରିପାରୁ ନ ଥିବାରୁ ପଞ୍ଚାୟତବାସୀଙ୍କ ଅସନ୍ତୋଷର ସମ୍ମୁଖୀନ ହେଉଛନ୍ତି। ଏପରିକି ପଞ୍ଚାୟତ ସମିତିର ବିଭିନ୍ନ କାର୍ଯ୍ୟକୁ ବିଡିଓ ଇଚ୍ଛା ମୁତାବକ କରୁଛନ୍ତି ବୋଲି ନାଏକ ଅଭିଯୋଗ କରିଛନ୍ତି। ଏ ବାବଦରେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ପଞ୍ଚାୟତିରାଜ ସଚିବ, ୫-ଟି ସଚିବ, ଜିଲାପାଳ, କେନ୍ଦୁଝର ପ୍ରକଳ୍ପ ନିର୍ଦ୍ଦେଶକ ଓ ଚମ୍ପୁଆ ଉପଜିଲାପାଳଙ୍କୁ ଅବଗତ କରାଯିବ। ଏହି ଘଟଣା ପ୍ରତି ଦୃଷ୍ଟି ଦିଆ ନ ଗଲେ ଜନ ପ୍ରତିନିଧିମାନେ ଧାରଣାରେ ବସିବେ ବୋଲି ନାଏକ ସୂଚନା ଦେଇଛନ୍ତି। ଏ ନେଇ ଚମ୍ପୁଆ ବିଡିଓଙ୍କ ମତାମତ ଜାଣିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ଯୋଡ଼ା ଡାକଘରେ ଇଣ୍ଟରନେଟ୍ ସେବା ଠପ୍

**ଯୋଡ଼ା,୧।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ଥିବା ମୁଖ୍ୟ ଡାକ ଘରେ ଇଣ୍ଟରନେଟ୍ ସେବା ବ୍ୟାହତ ହୋଇଛି। ଏଥିପାଇଁ ଗ୍ରାହକ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଖବର ନେବାରୁ ଜଣା ପଡ଼ିଛି ଯେ, ଆଜକୁ ପାଞ୍ଚ ଦିନ ହେବ ଉକ୍ତ ଡାକ ଘରେ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହୋଇଛି। ଯୋଡ଼ା ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଡାକ ଘରଟି ଥିବାରୁ ସ୍ଲରୀ ପାଇପ ଲାଇନ ପାଇଁ ଗାତ ଖୋଳା ହୋଇଥିଲା। ଏହି ଗାତ ଖୋଳିବା ସମୟ ରେ ଡାକ ଘରକୁ ଯାଇଥିବା ସର୍ଭର ତାର ଗୁଡ଼ିକ ନଷ୍ଟ ହୋଇଯାଇଛି। ଯାହାଫଳରେ ନେଟ୍‌ସେବା ବିଚ୍ଛିନ୍ନ ହୋଇ ଯାଇଛି। ଏହାର ମରାମତି ନ ହେବାରୁ ଗ୍ରାହକମାନେ ଡାକ ଘରକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ତେବେ ବିଭାଗୀୟ କର୍ମଚାରୀଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ବୁଧବାର ଭୁବନେଶ୍ୱରରୁ ଯନ୍ତ୍ରୀ ଆସି ମରାମତି କରୁଥିବା କହିଛନ୍ତି।

## ଏସ୍କେପ୍ ସୁଦୃଢ଼ୀକରଣ ପାଇଁ ଭିତ୍ତିପ୍ରସ୍ତର

**ଭଣ୍ଡାରିପୋଖରୀ,୧।୬(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ବାଲିପୋଖରୀ ଏସ୍କେପ୍ ସୁଦୃଢ଼ୀକରଣ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୬କୋଟି ଟଙ୍କା ବ୍ୟୟରେ ୪ ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଏସ୍କେପ୍‌ର କଂକ୍ରିଟ କାମ ସହ ସୁଦୃଢ଼ୀକରଣ କାର୍ଯ୍ୟ ହେବ ବୋଲି ଜଣାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ରାଜ୍ୟ ବିଜେଡି ସମ୍ପାଦକ ପ୍ରୟାସକାନ୍ତି ସାମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତି ସେଠୀ, ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବରିଷ୍ଠ ବିଜେଡି ନେତା ଯୁଧିଷ୍ଠିର ପରିଡ଼ା, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ବିଜେଡି ନେତା ସଞ୍ଜୀବ ପରିଡ଼ା, ଗଗନ ସେଠୀ, ପର୍ଶୁରାମ ପଣ୍ଡା, ବିଭୁ ପ୍ରସାଦ ଦାସ, ରବୀନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଖୁଆପଦା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

## ନୂତନ ଏମ୍‌ଭିଆଇଙ୍କ ଯୋଗଦାନ

**ବାରିପଦା ଅଫିସ,୧।୬**

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବାରିପଦା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ନୂତନ ଏମ୍‌ଭିଆଇ ଭାବେ ସାଲଖୁ ମୁର୍ମୁ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏଥି ପୂର୍ବରୁ ବୌଦ୍ଧ ଜିଲାରେ କାର୍ଯ୍ୟ କରୁଥିଲେ। ଏଠାରେ କାର୍ଯ୍ୟ କରୁଥିବା ଏମ୍‌ଭିଆଇ ଶିଶିର କୁମାର ସାହୁଙ୍କ ତାଙ୍କ ସ୍ଥାନକୁ ବଦଳି ହୋଇଛି। ବିଦାୟୀ ଓ ନୂତନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟରେ ଏକ ସ୍ୱାଗତ ଓ ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଆଗାମୀ ରଣନୀତି ଉପରେ ଆଲୋଚନା

**ଭାଜପାର ସାଙ୍ଗଠନିକ ବୈଠକ**

**ବାଲେଶ୍ୱର ଅଫିସ, ୧।୬**

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ଭାଜପାର ସାଙ୍ଗଠନିକ ବୈଠକ ସ୍ଥାନୀୟ ଆତିଥ୍ୟ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ମଞ୍ଚ ଆହ୍ୱାନ କରିଥିଲେ। ବୈଠକରେ ଦଳର ଆଗାମୀ ରଣନୀତି, ସାଙ୍ଗଠନିକ କାର୍ଯ୍ୟ ଓ ବିଶେଷ କରି ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଅଷ୍ଟମ ବର୍ଷ ପୂର୍ତ୍ତି ଅବସରରେ ପାଳିତ ହେବାକୁ ଥିବା କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଜିଲା ସଭାପତି ମହାପାତ୍ର ସୂଚନା ଦେଇଥିଲେ। ବକ୍ତା ଭାବେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଉପସ୍ଥିତ କର୍ମୀ ଓ ଅଧିକାରୀ ବୃନ୍ଦଙ୍କୁ ଉଜ୍ଜୀବିତ କରିବା ପାଇଁ ଆନୁଷଙ୍ଗିକ ଉଦାହରଣ ଉପସ୍ଥାପନ କରିଥିଲେ। କ୍ଷେତ୍ରୀୟ ମିଡ଼ିଆ ସଂଯୋଜକ ସତ୍ୟଜିତ ମିଶ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ଗରିବଙ୍କ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରୁଥିବାରୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଥମେ ସାଙ୍ଗଠନିକ ବିବରଣୀ ଓ ସଂରଚନା ବିଷୟରେ ତର୍ଜମା କରିଥିଲେ। ଶେଷରେ ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚନ

**ଧାମନଗର, ୧।୬ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଗ୍ରାମରେ ପୂର୍ବତନ ସରପଞ୍ଚ, ସମବାୟବିତ୍ ସ୍ୱର୍ଗତ ନିତ୍ୟାନନ୍ଦ ଦ୍ୱିବେଦୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ବୁଧବାର ସ୍ମୃତିସଭା ଅନୁଷ୍ଠିତ ହୋଇ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ପୂର୍ବତନ ସମିତିସଭ୍ୟ ପ୍ରତାପ ସାମଲ ସଞ୍ଚାଳନା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ସଦସ୍ୟା ଉର୍ମିଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଆଇନଜୀବୀ ଦେବାଶିଷ ସାମଲ ଯୋଗଦେଇଥିଲେ। ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ବିଦ୍ୟାଧର ରାଉତ, ବିଷ୍ଣୁ ମୋହନ ପତି, ଖବରଦାତା ପ୍ରଦୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସରେ ୮ହାଇସ୍କୁଲ ପୁରସ୍କୃତ

**ଖଇରା, ୧।୬(ଡି.ଏନ.ଏ.)**

ସୋମବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲା ଖଇରା ବ୍ଲକର ୮ ହାଇସ୍କୁଲକୁ ତମାଖୁମୁକ୍ତ ବିଦ୍ୟାଳୟ ଭାବେ ପୁରସ୍କୃତ କରାଯାଇଛି। ଏହି ହାଇସ୍କୁଲ ମଧ୍ୟରେ ତୁଡିଗଡିଆ ନିଳାମ୍ବର ହାଇସ୍କୁଲ, ଖଣିଆର ଜଳଦା-ଡାଲଙ୍ଗ ଉଚ୍ଚ ବିଦ୍ୟାପୀଠ, ଗରସଙ୍ଗର ରାମଚନ୍ଦ୍ର ଉଚ୍ଚ ବିଦ୍ୟାପୀଠ, ଅଲିହାର ଧ୍ରୁବଚରଣ ବିଦ୍ୟାମନ୍ଦିର, କୁପାରୀ ନୋଡାଲ ହାଇସ୍କୁଲ, ବର୍ଦ୍ଧନା ଉଚ୍ଚ ବିଦ୍ୟାପୀଠ, ଅନ୍ତରା ନୋଡାଲ ହାଇସ୍କୁଲ ଓ ବରଦାର ଭଗବତୀ ଉଚ୍ଚ ବିଦ୍ୟାପୀଠ ଏହି ପୁରସ୍କାର ଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ପ୍ରଭାକର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଡା. ରମାକାନ୍ତ ସେଣ୍ଠଙ୍କ ନେତୃତ୍ୱରେ ଏକ ଟିମ୍ ତୁଡିଗଡିଆ, ଖଣିଆ, କୁପାରୀ ଓ ବର୍ଦ୍ଧନା ଏବଂ ଡା ଜ୍ୟୋତିରଞ୍ଜନ ଶିଅଳଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ଗରସଙ୍ଗ, ବରଦା, ଅନ୍ତରା ଓ ଅଲିହାସ୍ଥିତ ବିଦ୍ୟାଳୟକୁ ଯାଇ ସମ୍ପୃକ୍ତ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରିଥିଲେ । ଏଥିସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ତମାଖୁ ସେବନର ଭୟାବହତା, ମୃତ୍ୟୁ ହାର ସମ୍ପର୍କିତ ତଥ୍ୟ ପ୍ରଦାନ କରି ଏଥିପ୍ରତି ଯତ୍ନବାନ ହେବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ।



ଗରସଙ୍ଗ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଉଛି।

## 'ବିଦ୍ୟାଳୟ ରୂପାନ୍ତରଣ ଏକ ଯୁଗାନ୍ତକାରୀ ପଦକ୍ଷେପ'

**ମୟୂରଭଞ୍ଜର ୩୩୯ ହାଇସ୍କୁଲ ଲୋକାର୍ପିତ**

**ବାରିପଦା ଅଫିସ/ ମୋରଡ଼ା,୧।୬(ଡି.ଏନ.ଏ.)**

୫-ଟି ହାଇସ୍କୁଲ ରୂପାନ୍ତରଣ ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲାର ୩୩୯ଟି ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅପରାହ୍ନରେ ଲୋକାର୍ପଣ କରିଛନ୍ତି। ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଭର୍ଚୁଆଲ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜର ୨୬ଟି ବ୍ଲକର ୩୩୯ଟି ରୂପାନ୍ତରିତ ହାଇସ୍କୁଲକୁ ଲୋକର୍ପଣ କରିଥିଲେ। ଏନେଇ ମୋରଡ଼ା ବ୍ଲକ ପାଟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଜିଲାପାଳ ବିନୀତ ଭରଦ୍ୱାଜ ପୌରହିତ୍ୟ କରିଥିଲେ। ନବମ ଶ୍ରେଣୀ ଛାତ୍ରୀ ପୂର୍ଣ୍ଣିମା ମାରାଣ୍ଡି ସ୍କୁଲ ରୂପାନ୍ତରୀକରଣ ପରେ ଘରେ ରହିବାକୁ ଇଚ୍ଛା ହେଉନି ଓ ସ୍ମାର୍ଟ କ୍ଲାସ ରୁମ୍ ଯୋଗୁ ପାଠ ଭଲ ଭାବେ ବୁଝି ହେଉଛି ବୋଲି କହିଥିଲେ। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଅଭିନବ ପରିକଳ୍ପନା ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ମୋରଡ଼ା ବିଧାୟକ ରାଜକିଶୋର ଦାସ ଓ କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ ଉପସ୍ଥିତ ଥିଲେ। ଉତ୍ସବରେ ଜିଲାର ସମସ୍ତ ଅଧିକାରୀ, ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ଶିକ୍ଷାଧିକାରୀ ନବ କିଶୋର ଗିରିଙ୍କ ତତ୍ତ୍ୱାବଧାନରେ ସମସ୍ତ ୩୩୯ଟି ରୂପାନ୍ତରିତ ସ୍କୁଲରେ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଜରିଆରେ ପରିଚାଳନା କରାଯାଇଥିଲା। ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ପିଡି ଡିଆରଡିଏ ପି.ଅନ୍ୱେଷା ରେଡ୍ଡି, ବାରିପଦା ସଦର ଉପଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ସୁଚାରୁ କୁମାର ବଳ, ହେମନ୍ତ ସିଂ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ମୋରଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ହାତୀ ଆତଙ୍କ ମଧ୍ୟରେ ହଣ୍ଡପାବାସୀ

**ବଇଣ୍ଡା,୧।୬(ପରିକ୍ଷିତ ସାହୁ)**


ହାତୀ ପଲ ରାସ୍ତା ପାର ହେଉଛନ୍ତି।

ବଢ଼ୁଛି ହାତୀ ଉପଦ୍ରବ। ଦଳ ଦଳ ହୋଇ ଆସୁଥିବା ହାତୀ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗି ଦେଉଛନ୍ତି। ସମ୍ମୁଖରେ ପଡୁଥିବା ଲୋକଙ୍କ ଜୀବନ ନେଉଛନ୍ତି। ୨୦୧୪ରୁ ୨୦୨୧ ମଧ୍ୟରେ ୭ ଜଣଙ୍କ ଜୀବନ ନେଇଥିବା ହାତୀ ପଲ ୧୮୫ଟି ଘର ଭାଙ୍ଗି ଦେଇଛନ୍ତି। ୧୧୧୫ ଏକର ଜମିରେ ଫସଲ ନଷ୍ଟ କରିଛନ୍ତି। ହାତୀ ଉପଦ୍ରବ ରୋକିବାରେ ବନ ବିଭାଗର ବିଫଳତା ଯୋଗୁ ଏପରି ଆତଙ୍କ ମଧ୍ୟରେ ରହୁଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜବାସୀ।

୧୮ ହଜାର ୮୯୪ ହେକ୍ଟର ବିଶିଷ୍ଟ ହଣ୍ଡପା ରେଞ୍ଜ ଆଖପାଖରେ ରହିଛି ୧୫ଟି ପଞ୍ଚାୟତ। ତେବେ ବନ ବିଭାଗର ବିଫଳତା ଯୋଗୁ ରେଞ୍ଜ ଅଞ୍ଚଳର ଅନେକ ଜଙ୍ଗଲରେ କାଠ ମାଫିଆମାନେ ସକ୍ରିୟ ରହିଛନ୍ତି। ଫଳରେ ବହୁ ଜଙ୍ଗଲ ପଦା ହେବାକୁ ବସିଲାଣି। ଦେବଗଡ, ରେଢାଖୋଲ ଜଙ୍ଗଲରୁ ଅନେକ ସମୟରେ ହଣ୍ଡପା ରେଞ୍ଜକୁ ଚାଲି ଆସୁଥିବା ହାତୀପଲ ଏଠାରେ ଖାଦ୍ୟାଭାବର ଶିକାର ହୋଇ ବିଭିନ୍ନ ଗ୍ରାମରେ ପଶି ଆତଙ୍କ ଖେଳାଉଛନ୍ତି। କିଛି ଦିନ ହେବ ୫ ରୁ ୬ଟି ହାତୀ ଇଚ୍ଛାପୁର, କଣ୍ଢେଇକୋଳିଆ, ଟକବା, ଫୁଲାମ୍ବା, ମଧପୁର, ଅଁଳାବେରେଣି, କଣ୍ଢେଇକୋଳିଆ, ବିଡିସିଙ୍ଗ ଆଦି ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଜମିରେ ଫସଲ, ଫଳ ବଗିଚା ନଷ୍ଟ କରିବା ସହ ଘର ଭାଙ୍ଗି ଦେଉଛନ୍ତି। ଏକ ସଙ୍ଗରେ ୫ରୁ ଉର୍ଦ୍ଧ୍ୱ ହାତୀ ଆସୁଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ନିଆଁ ହୁଳା ଧରି ରାତ୍ରି ଉଜାଗର ରହୁଛନ୍ତି। ହାତୀ ସହ ମୁହାଁମୁହିଁ ବେଳେ ୨୦୧୪ ଫେବୃୟାରୀ ୨୭ରେ ହଣ୍ଡପା ଗ୍ରାମର ତାରା ବିଶ୍ୱାଳଙ୍କ ଜୀବନ ଯାଇଥିଲା। ୨୦୧୬ ମେ ୩ରେ ପୁରୁଣାପାଣି ଅଞ୍ଚଳର ଲୋଚନ ପ୍ରଧାନ, ଠେଲକନାଳି ଗ୍ରାମର ତରୁଣୀ ଦେହୁରୀ, ୨୦୧୭ ଏପ୍ରିଲ ୨୪ରେ କୁଣ୍ଡଳି ଗ୍ରାମର ହାଡ଼ିବନ୍ଧୁ ନାଥ, ୨୦୧୯ ଅଗଷ୍ଟ ୧ରେ ବିଦ୍ୟାଧର ସାହୁ, ଡିସେମ୍ବର ୨୬ରେ ବାଡ୍ରାଖୋଲ ଗ୍ରାମର ବିଚିତ୍ର ବେହେରା, ୨୦୨୦ ମାର୍ଚ୍ଚ ୫ରେ କମରେଇ ଗ୍ରାମର ଦେବକୀ ବେହେରାଙ୍କ ଜୀବନ ହାତୀ ନେଇଥିଲା। ସେହିପରି ୨୦୨୧ ଡିସେମ୍ବର ମଧ୍ୟରେ ୧୮୫ ଘର ହାତୀ ଭାଙ୍ଗିଥିବା ବେଳେ ୬୫୦ ଏକର ଜମିରେ ଧାନ, ୨୮୫ ଏକରରେ ପରିବା ଚାଷ, ୧୮୦ ଏକରରେ ଲାଗିଥିବା ଆମ୍ବ, ପଣସ, ଆଖୁ ଚାଷ ନଷ୍ଟ କରିଛି। ବନ ବିଭାଗ କାଁ ଭାଁ ଚିହ୍ନଟ କରି କ୍ଷତିପୂରଣ ଦେଉଥିବାରୁ ଅନେକ ଚାଷୀ କ୍ଷତିପୂରଣରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି। ହଣ୍ଡପା ରେଞ୍ଜରେ ବାରମ୍ବାର ହାତୀ ଉପଦ୍ରବ ଯୋଗୁ କୃଷକ ସଙ୍ଗଠନ ପକ୍ଷରୁ ଏହାର ସ୍ଥାୟୀ ସମାଧାନ ପାଇଁ ୯ ଫେବୃୟାରୀ ୨୦୨୨ରେ ଅନୁଗୋଳ ଜିଲାପାଳ, ଆଠମଲ୍ଲିକ ଡିଏଫଓ, ରାଜ୍ୟ ଜଙ୍ଗଲ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ବନ ବିଭାଗର ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

- ୨୦୧୪ରୁ ୨୦୨୧ ମଧ୍ୟରେ ଯାଇଛି ୭ ଜୀବନ
- ୧୮୫ ଘର ଭାଙ୍ଗିଛି
- ୧୧୧୫ ଏକରରେ ହୋଇଛି ଫସଲ ନଷ୍ଟ

**ସ୍ଥାୟୀ ପ୍ରତିକାର କରାଯାଉ ନାହିଁ**


ହାତୀ ଉପଦ୍ରବ ଲାଗି ରହିଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଏହାର ପ୍ରତିକାର କରାଯାଉ ନାହିଁ। ଦଳ ଦଳ ହାତୀ ଗାଁ ଭିତରକୁ ଆସି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଅଭିଯୋଗ କଲେ କ୍ଷତିପୂରଣ ମିଳୁନାହିଁ। କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ ମଧ୍ୟ କରାଯାଉ ନାହିଁ।

-ଅମୂଲ୍ୟ ଦେହୁରୀ, ଇଚ୍ଛାପୁର

**ବହୁ ସମ୍ପତ୍ତି ନଷ୍ଟ ହେଉଛି**


ହାତୀ ଉପଦ୍ରବ ଯୋଗୁ ବହୁ ସମ୍ପତ୍ତି ନଷ୍ଟ ହେଉଛି। ବର୍ଷ ବର୍ଷ ଧରି ଏପରି ସମସ୍ୟା ଲାଗିରହିଥିଲେ ମଧ୍ୟ ସମାଧାନ ହେଉନାହିଁ। ବନ ବିଭାଗ ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବାରେ ବିଳମ୍ବ କରାଯାଉଥିବାରୁ ଚାଷୀମାନେ ବହୁ କ୍ଷତି ସହୁଛନ୍ତି।

-ଅମାତ କୁମାର ସାହୁ, କଣ୍ଢେଇକୋଳିଆ

**ସହାୟତା ସମୁଦ୍ରକୁ ଶଙ୍ଖେ ପରି**


ଜଙ୍ଗଲରୁ ହାତୀ ଗାଁକୁ ଆସିଲେ ଛାତିରେ ଛନକା ପଶିଯାଉଛି। ଫସଲ, ଘର ବର୍ତ୍ତି ପାରିବ କି ନାହିଁ ସେ ନେଇ ଆଶଙ୍କା ସୃଷ୍ଟି ହେଉଛି। ବନ ବିଭାଗର ସହାୟତା ସମୁଦ୍ରକୁ ଶଙ୍ଖେ ପରି ହେଉଛି। ହାତୀ ଉପଦ୍ରବ ଅଞ୍ଚଳରେ ପାଟ୍ରୋଲିଂ କଡାକଡ଼ି କରାଗଲେ କିଛିଟା ଆଶ୍ୱସ୍ତି ମିଳନ୍ତା।

-ମେନେକା ସାହୁ, ବିଡିସିଙ୍ଗ

**ଶୀଘ୍ର କ୍ଷତିପୂରଣ ନିର୍ଦ୍ଦେଶ ଦିଆଯାଇଛି**


ହାତୀ ଉପଦ୍ରବ ରୋକିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ହାତୀ ପଲଙ୍କୁ ଘଉଡାଇବା ପାଇଁ ସ୍ୱତନ୍ତ୍ର ଟିମ୍ କରାଯାଇଛି। କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରି ଶୀଘ୍ର କ୍ଷତିପୂରଣ ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

-ସରୋଜ କୁମାର ଦାସ, ହଣ୍ଡପା ରେଞ୍ଜ ଦାୟିତ୍ୱରେ ଥିବା ବାମୁର ରେଞ୍ଜର

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ମହିଳା ମୃତ

ଆଠମଲ୍ଲିକ, ୧।୬(ସ୍ୱ.ପ୍ର.)- ଆଠମଲ୍ଲିକ ଥାନା ବରଗାଁ ଗ୍ରାମରେ ଏକ ବାଇକ୍ ଦୁର୍ଘଟଣାରେ ବୁଧବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ସରୋଜିନୀ ବେହେରା ଓ ତାଙ୍କ ଘର ଅଏଡ଼ା ପଞ୍ଚାୟତର ଭୁବୁନିପୁର ବୋଲି ପୋଲିସ ପ୍ରକାଶ କରିଛି। ପ୍ରକାଶ ଯେ, ବୁଦ୍ଧିମାନ ଭୋଇ ତାଙ୍କ ବାଇକ୍‌ରେ ସରୋଜିନୀଙ୍କୁ ବସାଇ ଘରକୁ ଫେରୁଥିବା ବେଳେ ବରଗାଁ ଗ୍ରାମରେ ଗାଡ଼ିଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା। ଫଳରେ ସରୋଜିନୀ ଗାଡ଼ିରୁ ଛିଟକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆଠମଲ୍ଲିକ ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ନମ୍ବର ୧୨୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଚୋରା କାଠ ବୋଝେଇ ଅଟୋ ଜବତ



ଛେଣ୍ଡିପଦା, ୧।୬(ସ୍ୱ.ପ୍ର.)- ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳ ପକ୍ଷରୁ ବୁଧବାର ଚଢ଼ାଉ କରାଯାଇ ୧୨ ସିଏଫ୍‌ଟି ଚୋରା ଶାଗୁଆନ କାଠ ବୋଝେଇ ଅଟୋ ଜବତ କରାଯାଇଛି। ଏଥିସହିତ ଅଟୋ ଚାଳକ ଅନ୍ତୁଲିଆ ଗ୍ରାମର ଜଗନ୍ନାଥ ମୁଦୁଲି (୨୩)ଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଅନ୍ତୁଲିଆ ଅଞ୍ଚଳରୁ ଜରପଡା ଆଡ଼କୁ ଚୋରା ଶାଗୁଆନ କାଠ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିବା ପରେ ଜରପଡା ବନାଞ୍ଚଳ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ଜରପଡା ସେକ୍ସନ ଫରେଷ୍ଟର ଶ୍ରୀନିବାସ ସାହୁଙ୍କ ସମେତ ହାତୀ ସ୍କ୍ୱାଡ୍ କର୍ମଚାରୀମାନେ ସଦଳବଳ ଅନ୍ତୁଲିଆ- ଜରପଡା ରାସ୍ତାର ଓଗୀ ବନଦୁର୍ଗା ମନ୍ଦିର ନିକଟରେ ଜଗି ରହିଥିଲେ। ଅନ୍ତୁଲିଆରୁ ଆସୁଥିବା ଏକ ଅଟୋ (ନଂ. ଓଆର ୧୯ଡି-୪୬୮୪)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୨୧ଖଣ୍ଡ (୧୨ ସିଏଫ୍‌ଟି) ଚୋରା ଶାଗୁଆନ କାଠ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ବନବିଭାଗ ଚୋରା ଶାଗୁଆନ କାଠ ବୋଝେଇ ଅଟୋକୁ ଜବତ କରିବା ସହିତ ଚାଳକ ଜଗନ୍ନାଥ ମୁଦୁଲିଙ୍କୁ ଗିରଫ କରିଥିଲେ। ଜବତ ଶାଗୁଆନ କାଠର ମୂଲ୍ୟ ୨୫ ହଜାର ଟଙ୍କାରୁ ଅଧିକ ହେବ ବୋଲି ବନବିଭାଗ ପ୍ରକାଶ କରିଛି। ଏ ନେଇ ବନ ବିଭାଗ ପକ୍ଷରୁ ଜରପଡା ବନାଞ୍ଚଳ ରିପୋର୍ଟ ନଂ. ୫ରେ ଏକ ମାମଲା ରୁଜୁ କରିବା ସହିତ ଜଗନ୍ନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫରେଷ୍ଟର ଶ୍ରୀନିବାସ ସାହୁ ସୂଚନା ଦେଇଛନ୍ତି।

### ଦୁର୍ବ୍ୟବହାର ଘଟଣାର ତଦନ୍ତ ଆରମ୍ଭ
### ଏଡିଏମ୍‌ଓଙ୍କ ନେତୃତ୍ୱରେ ଟିମ୍ ଗଠନ

ଅନୁଗୋଳ ଅଫିସ, ୧।୬- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୨୭ ତାରିଖରେ ତାଳଚେର ବ୍ଲକ ଟେଣ୍ଟୁଲେଇ ଗାଁର ଆଶା କର୍ମୀଙ୍କୁ ଦୁର୍ବ୍ୟବହାର କରାଯିବା ନେଇ ଅଭିଯୋଗ ହୋଇଥିଲା। ବୁଧବାର ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଏଡିଏମ୍‌ଓ ମେଡିକାଲ ଡା. ମାନସ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଅଭିଯୋଗ ଆସିଥିବା ଡାକ୍ତର, ହେଲ୍ପଡେସ୍କ କର୍ମଚାରୀ ତଥା ଘଟଣା ସମୟରେ ଉପସ୍ଥିତ ରୋଗୀ ଏବଂ ଅନ୍ୟ ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯିବ। ଏହାପରେ ଦୋଷୀ ନିର୍ଣ୍ଣୟ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଡିଏମଓ ଡା ବିଶ୍ୱାଳ ପ୍ରକାଶ କରିଛନ୍ତି।

## କେନ୍ଦ୍ର ଯୋଜନାକୁ ହଡ଼ପ କରୁଛି ରାଜ୍ୟ

**ବଇଣ୍ଡା,୧।୬(ଡି.ଏନ.ଏ.)**

ଗରିବ ଲୋକଙ୍କ ପାଇଁ କେନ୍ଦ୍ର ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ରାଜ୍ୟ ସରକାର ତାହାକୁ ହଡ଼ପ କରି ନିଜ ନାଁରେ କରୁଛନ୍ତି ବୋଲି ବୁଧବାର ଆଠମଲ୍ଲିକ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରେ ଅନୁଷ୍ଠିତ କାର୍ଯ୍ୟକର୍ତ୍ତାଙ୍କ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅତିଥିମାନେ ଏହି ଅଭିଯୋଗ କରିଛନ୍ତି। ଭାଜପା ନେତା ଭବାନୀ ଜ୍ୟୋତିଶରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଚିତ୍ତରଞ୍ଜନ ମେହେର, ଡ. ଅଲେଖ ପ୍ରଧାନ, ପ୍ରବୀଣ ସାହୁ, ବିଶ୍ୱଜିତ୍ ଗାଇଗରିଆ, ଶରତ ପ୍ରଧାନ, ଅନନ୍ତ ବାସୁଦେବ ମହାନ୍ତି, ଚୈତନ୍ୟ ସାହୁ, ପ୍ରକାଶ ସାହୁ, ସନ୍ତୋଷ ପ୍ରଧାନ, ସରୋଜ ପ୍ରଧାନ, ସଂକର୍ଷଣ ମେଣ୍ଟୁଲି, ପିନା ପ୍ରାଣିଗ୍ରାହୀଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବର ଆଠମଲ୍ଲିକ ବ୍ଲକରେ ଶୁଭାରମ୍ଭ କରାଯାଇଥିଲା।

## ସ୍ୱୟଂ ସହାୟକ ଗୋଷ୍ଠୀକୁ ରୋଷେଇ ଦାୟିତ୍ୱ

**ଆଠମଲ୍ଲିକ,୧।୬(ଡି.ଏନ.ଏ.)**

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧୀନରେ ଥିବା ଆହାର କେନ୍ଦ୍ରରେ ସ୍ଥାନୀୟ ବଙ୍ଗଳା ସାହିର ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ରୋଷେଇ ଦାୟିତ୍ୱ ଦିଆଯାଇଛି। ବୁଧବାର ପ୍ରଥମ କରି ସ୍ୱୟଂ ସହାୟକ ଗୋଷ୍ଠୀ ରୋଷେଇ ଆରମ୍ଭ କରିଥିବାରୁ ସ୍ଥାନୀୟ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିଲା। ଉପଜିଲାପାଳ ଲଳିତ ମୋହନ ବେହେରା, ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ବିଡିଓ ସନ୍ତୋଷ କୁମାର ସାହୁ, ତହସିଲଦାର ସଫି ସାଇନିକା, ଉପନଗରପାଳ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱୟଂ ସହାୟକ ଗୋଷ୍ଠୀକୁ ଉତ୍ସାହିତ କରିବା ସହିତ ସମସ୍ତେ ଆହାର କେନ୍ଦ୍ରରେ ଭୋଜନ କରିଥିଲେ। ପୂର୍ବରୁ ଏହି ଆହାର କେନ୍ଦ୍ରରେ ବୌଦ୍ଧ ଜିଲାର ଏକ ସଂସ୍ଥା ଖାଦ୍ୟ ଯୋଗାଇ ଆସୁଥିଲା।


ଉଦ୍‌ଘାଟନ ଅବସରରେ ଅତିଥିମାନେ।

## ବଜାର ଛକରୁ ବାଇକ୍ ଚୋରି ଉଦ୍ୟମ

**ଅନୁଗୋଳ ଅଫିସ, ୧।୬**

ଅନୁଗୋଳ ବଜାର ଛକ ନିକଟରେ ନରି ବେହେରାଙ୍କ ଏକ ଜଳଖିଆ ଦୋକାନ ସମ୍ମୁଖରୁ ବାଇକ୍ ଚୋରି ଉଦ୍ୟମ ହୋଇଛି। ସକାଳେ ଦୋକାନ ସାମ୍ମୁଖରେ ନରିଙ୍କ ପୁଅ ରାଜୁ ବେହେରା ନିଜ ବୁଲେଟ ରଖି ଦୋକାନରେ କାମ କରୁଥିଲେ। ପୂର୍ବାହ୍ନ ୮ଟାରେ ଦୋକାନରେ ଗହଳିର ସୁଯୋଗ ନେଇ ଜଣେ ନାବାଳକ ଉକ୍ତ ବୁଲେଟକୁ ଗଡ଼ାଇ ଗଡ଼ାଇ ନେଇଯାଉଥିଲେ। ଏହା ଦେଖି ରାଜୁ ପାଟି କରିବାରୁ ନାବାଳକ ଜଣକ ବାଇକ୍ ଛାଡ଼ି ଦୌଡ଼ି ପଳାଇଯିବାକୁ ଉଦ୍ୟମ କରିଥିଲେ। ତେବେ ରାଜୁ ତାଙ୍କୁ କାବୁ କରି ନେଇଥିଲେ। ଖବରପାଇ ଅନୁଗୋଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରିଥିଲେ। ଅଭିଯୁକ୍ତ ନାବାଳକଙ୍କ ଘର ଜରପଡ଼ା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୋଲିସ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦେଇଥିବା ସୂଚନା ମିଳିଛି।

## ଜିଲା କୃଷି ଅଧିକାରୀଙ୍କୁ ଦାବିପତ୍ର

**ଅନୁଗୋଳ ଅଫିସ, ୧।୬**

ଅଲ୍ ଇଣ୍ଡିଆ କିଷାନ୍ କ୍ଷେତ ମଜଦୁର ସଙ୍ଗଠନ (ଏ.ଆଇ.କେ.କେ.ଏମ୍.ଏସ୍), ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲା କୃଷି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷକାର୍ଯ୍ୟ ପୂର୍ବରୁ ଚାଷୀମାନଙ୍କୁ ସବ୍‌ସିଡିରେ ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି ପଞ୍ଚାୟତ ଜରିଆରେ ଯୋଗାଇଦେବା, ଧଉରାଗୋଠ, ସୁରେଶ୍ୱରୀ, ହିଡିସିଙ୍ଗ, କାଣିଘାଇ ସମେତ ସମସ୍ତ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା, କୃଷି କାର୍ଯ୍ୟ ପାଇଁ ବିନା ମୂଲ୍ୟରେ ବିଦ୍ୟୁତ୍ ଯୋଗାଇଦେବା, ସାର ଓ କିରୋସିନିର ମୂଲ୍ୟବୃଦ୍ଧି ବନ୍ଦ କରିବା, ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବା, ସରକାରୀ ଉଦ୍ୟୋଗରେ ବଡକେରଜାଙ୍ଗଠାରେ ସାର ଡିପୋ ପ୍ରତିଷ୍ଠା କରିବା, ବିହନ ପାଇଁ ଅନ୍‌ଲାଇନ୍‌ରେ ଆବେଦନକୁ ରଦ୍ଦକରି ସିଧାସଳଖ ଚାଷୀମାନଙ୍କୁ ପଞ୍ଚାୟତ ଜରିଆରେ ଯୋଗାଇଦେବା ଆଦି ଦାବି କରାଯାଇଛି। ଏହାର ସ୍ଥାୟୀ ପ୍ରତିକାର ନ ହେଲେ ଆଗାମୀ ଦିନରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ ଗଢ଼ିତୋଳିବାକୁ ଜିଲା ସମ୍ପାଦକ ସୁବାସ ପ୍ରଧାନ, ଚାଷୀନେତା ରଣଜିତ ପ୍ରଧାନ, ସଞ୍ଜୟ ସାହୁ, କୁମର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।



ଜିଲା କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା

**କଣିହାଁ,୧।୬(ଡି.ଏନ.ଏ.)**

କଣିହାଁ ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ ବୁଧବାର ପବିତ୍ରମୋହନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ରଶ୍ମିତା ବେହେରାଙ୍କ ସହିତ ବିଡିଓ ନିଶାନ ମିଶ୍ର, ଜିପିଓ ସୁଜତା ତ୍ରିପାଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ, କଣିହାଁ ସିଏଚସିର ମୁଖ୍ୟ ଜନସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ସମିତି ଅଧୀନ ୨୭ ପଞ୍ଚାୟତର ସମିତି ସଦସ୍ୟ ଓ ସରପଞ୍ଚମାନଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ପୂର୍ବ ବୈଠକର ବିବରଣୀ ପାଠ, ପାନୀୟ ଜଳ ଯୋଗାଣ, ପରିମଳ, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ସମ୍ପଦ, ମହିଳା ଓ ଶିଶୁ ବିକାଶ, ଶିକ୍ଷା, ଉନ୍ନୟନ କାର୍ଯ୍ୟ, ଖାଦ୍ୟ ସୁରକ୍ଷା ବଣ୍ଟନ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା। ଏହାବାଦ୍ ଏହାର ସୁପରିଚାଳନା ପାଇଁ ଷ୍ଟାଣ୍ଡିଂ କମିଟି ଗଠନ ଉପରେ ଆଲୋଚନା ହୋଇଥିଲା। ସେହିପରି ଉନ୍ନୟନ କାର୍ଯ୍ୟକୁ ପ୍ରାଥମିକ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

## ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ

**ବଣ୍ଟଁରପାଳ,୧।୬(ଡି.ଏନ.ଏ.)**

ବଣ୍ଟଁରପାଳ ପଞ୍ଚାୟତ ସମିତି ଗୃହରେ ବୁଧବାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ବିଜୟ ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ଏଲିଜା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷା, ପାନୀୟ ଜଳ, ଜଳସେଚନ, ସ୍ୱାସ୍ଥ୍ୟ, କୃଷି ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରେ କିଭଳି ବିକାଶମୂଳକ କାର୍ଯ୍ୟ ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ଏକ ଷ୍ଟାଣ୍ଡିଂ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କମିଟିରେ ସରପଞ୍ଚ ଓ ସମିତି ସଭ୍ୟମାନେ ରହିପାରିବେ।


ବୈଠକରେ ଉପସ୍ଥିତ ଅଧ୍ୟକ୍ଷଙ୍କ ସମେତ ଅନ୍ୟମାନେ।

ବୈଠକରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ମହେନ୍ଦ୍ର ଦେହୁରୀ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ବାଉରୀ ବନ୍ଧୁ ସାହୁ, ଜିଲା ପରିଷଦ ସଭ୍ୟ ଗୋପାଳ ନାୟକ, ମିରା ଗଡନାୟକ, ଦିଲୀପ ପ୍ରଧାନ, ସୁଶୀଲ ନାୟକ, ଜିପିଓ ରଶ୍ମିରେଖା ନାୟକ, ନିର୍ବାହୀ ଯନ୍ତ୍ରୀ ପ୍ରତାପ ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ସରପଞ୍ଚ ଓ ସମିତି ସଭ୍ୟମାନେ ବୈଠକରେ ଉପସ୍ଥାପନ କରିଥିଲେ।

## ଖୋଲା ଆକାଶତଳେ ମୂକ, ବଧିର ଓ ଦୃଷ୍ଟିହୀନ ଛାତ୍ରୀଛାତ୍ର

**ଅନୁଗୋଳ ଅଫିସ, ୧।୬**

### କାଳ ବୈଶାଖୀରେ ଉଡିଗଲା ଛପର

ଅନୁଗୋଳରେ କାଳବୈଶାଖୀ ବୁଧବାର କ୍ଷୟକ୍ଷତି ଘଟାଇଛି। ସହର ଉପକଣ୍ଠ ଶୁଶୁଡା ପଞ୍ଚାୟତର ଗୋପୀନାଥପୁର ଗ୍ରାମରେ ଥିବା କେଦାରଗୌରୀ ଦୃଷ୍ଟିହୀନ ଓ ମୂକ ବଧିର ତାଲିମ କେନ୍ଦ୍ରର ଛପର ଉଡ଼ିଯିବାରୁ ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ରହିଥିବା ଦେଖାଯାଇଛି। ଖବରପାଇ ତହସିଲଦାର ବିମଳ ଲେଙ୍କା ପହଞ୍ଚି ଘର ଉପରେ ପକାଇବାକୁ ପାଲ ବ୍ୟବସ୍ଥା କରିଥିବା ଜଣାପଡିଛି। କିନ୍ତୁ ଖାଦ୍ୟପେୟ ନଷ୍ଟ ହୋଇଥିଲେ ମଧ୍ୟ ସେନେଇ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଏହି କେନ୍ଦ୍ରରେ ୨୫ ଛାତ୍ରୀଛାତ୍ର ରହୁଛନ୍ତି। କାଳବୈଶାଖୀ ପ୍ରଭାବରେ ଘରେ ଥିବା କିଛି ଆସବବାବପତ୍ର, ଖାଦ୍ୟ ସାମଗ୍ରୀ, ଭଜନସନ୍ଧ୍ୟା ଉପକରଣ ନଷ୍ଟ ହୋଇଛି। ଏହାକୁ ପରିଚାଳନା କରୁଥିବା ବ୍ୟକ୍ତିଙ୍କ ଉପରେ ଇଟା ପଡିବାରୁ ତାଙ୍କ ଡାହଣ ଗୋଡ ଭାଙ୍ଗିଯାଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଉପଜିଲାପାଳ ବାଇତୁରା ଦୀପ କହିଛନ୍ତି, ଅନ୍ତେବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ। ପାଲ ପ୍ରଦାନ କରାଯାଇଛି। ଖାଦ୍ୟର ବ୍ୟବସ୍ଥା ମଧ୍ୟ କରାଯିବ।



କାଳବୈଶାଖୀ ପରେ ଅନୁଷ୍ଠାନ ସମ୍ମୁଖରେ ଅନ୍ତେବାସୀମାନେ।

## ଜଳଶକ୍ତି ଅଭିଯାନ ଉପରେ ଆଲୋଚନା

**ଛେଣ୍ଡିପଦା,୧।୬(ସ୍ୱ.ପ୍ର.)**

### ଛେଣ୍ଡିପଦା ପଞ୍ଚାୟତ ସମିତିର ପ୍ରଥମ ବୈଠକ

ଅନୁଗୋଳ ଜିଲା ଛେଣ୍ଡିପଦା ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ବୈଠକ ବ୍ଲକ ସଭାଗୃହ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ବିଧାୟକ ସୁଶାନ୍ତ କୁମାର ବେହେରା, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ସମ୍ବଲପୁର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଯଶୋବନ୍ତ ପ୍ରସାଦ ବେହେରା, ଗାମ୍ୟ ଜଳଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଯୁଧିଷ୍ଠିର ପତି ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏସ୍ ନୈବେଦ୍ୟ ଲଲାଟେନ୍ଦୁ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଶାସନ ସଚିବଙ୍କ ଭିଡିଓ କନଫରେନସିଂରେ ଦିଆଯାଇଥିବା ନିର୍ଦ୍ଦେଶ ତଥା ଜଳଶକ୍ତି ଅଭିଯାନର ସଫଳ ରୂପାୟନ ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ବର୍ଷାଜଳ ସଂରକ୍ଷଣ ଓ ଭୂତଳ ଜଳର ପୁନଃ ଭରଣ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଯୁଧିଷ୍ଠିର ପତି ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ବୁଝାଇଥିଲେ। ଏହି ବର୍ଷାଜଳ ଅମଳ କାର୍ଯ୍ୟକ୍ରମ ଛେଣ୍ଡିପଦା ବ୍ଲକରେ ପ୍ରଥମେ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଆରମ୍ଭ କରାଯିବା ନେଇ ଆଲୋଚନା ହୋଇଥିଲା। ଏହାପରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଫଳ ରୂପାୟନ, ସ୍ୱଚ୍ଛ ଭାରତ ମିଶନରେ ପ୍ରତ୍ୟେକ ପରିବାରରେ ବର୍ଜ୍ୟବସ୍ତୁ ଖାତ ଓ ଶୋଷଣ ଖାତ, ୫-ଟି ଦ୍ୱାରା ବିଦ୍ୟାଳୟର ରୂପାନ୍ତରୀକରଣ ଆଦି କାର୍ଯ୍ୟ ଗୁଡିକ ଜୁନ ୩୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ଉପରେ ଆଲୋଚନା ହୋଇଥିଲା। ସରକାରୀ କାର୍ଯ୍ୟର ସଫଳ ରୂପାୟନ କରିବା ସହିତ ଜନସାଧାରଣଙ୍କ ସେବାରେ ନିଜକୁ ସମର୍ପିତ କରିବାକୁ ପଞ୍ଚାୟତ ପ୍ରତିନିଧିମାନଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ତେବେ ବ୍ଲକକୁ ଆସୁଥିବା ସରକାରୀ ଅର୍ଥ ବିନିଯୋଗକୁ ନେଇ ବିଧାୟକ ଓ ଭାଜପା ସମର୍ଥିତ ଜନପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଥିଲା। ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଜିଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ମଞ୍ଚାସୀନ ଜନ ପ୍ରତିନିଧି ଓ ଅଧିକାରୀମାନେ।

## ସଂକ୍ଷେପରେ

### ରାମଲୀଳା ପରିବେଷଣ




**ଢେଙ୍କାନାଳ ଅଫିସ, ୧୬:** ଢେଙ୍କାନାଳ ଜିଲା ଭୁବନ ରାମ ମନ୍ଦିର ପରିସରରେ ମଙ୍ଗଳବାର ପୌରାଣିକ କଥାବସ୍ତୁ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ଅନୁଷ୍ଠିତ ହୋଇଯାଇଛି। ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶୀର୍ବାଦ' ଏବଂ ନୂଆଦିଲ୍ଲୀସ୍ଥିତ ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଏହାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ମୁଖ୍ୟ ବକ୍ତା ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ସମ୍ପାଦକ ମାତୃ ପ୍ରସାଦ ମିଶ୍ର ସମ୍ମାନିତ ଅତିଥି ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଭୁବନ ପ୍ରଜାପିତା ବ୍ରହ୍ମାକୁମାରୀ ସଙ୍ଗଠନର ପି.କେ. ବିଜୟା ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଶତାଧିକ ଦର୍ଶକ ରାମଲୀଳା ଉପଭୋଗ କରିଥିଲେ। ବିଶିଷ୍ଟ ପାଲାଗାୟକ ପୂର୍ଣ୍ଣାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ବ୍ରହ୍ମାକୁମାରୀ ସଙ୍ଗଠନର ଶିଶୁ କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ। 'ଆଶୀର୍ବାଦ' ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ସରୋଜ କୁମାର ପୃଷ୍ଟି, ସଭ୍ୟ ସୌମ୍ୟରଞ୍ଜନ ଦାସ, ଲକ୍ଷ୍ମୀଧର ସେନ, ସନ୍ତୋଷ ପାଣିଗ୍ରାହୀ, ମନୋରଞ୍ଜନ ପତି, ରାମମନ୍ଦିର ଟ୍ରଷ୍ଟ ବୋର୍ଡ ସଭ୍ୟ ଜ୍ୟୋତିରଞ୍ଜନ ମହାରଣା, 'ରାଇଜ୍' ଅନୁଷ୍ଠାନର ସମ୍ପାଦକ ସତ୍ୟ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନିଷେଧାଦେଶ ସତ୍ତ୍ୱେ ଚାଲିଛି ହାଟ

**କାମାକ୍ଷାନଗର, ୧୬(ଡି.ଏନ୍.ଏ.):** କଙ୍କଡ଼ାହାଡ଼ ବିଡିଓ ବୁଲ୍‌ବୁଲ୍ ବେହେରାଙ୍କ ଦ୍ୱାରା ନିଷେଧାଦେଶ ଜାରି ସତ୍ତ୍ୱେ ଘାଗରାମୁଣ୍ଡା ପଞ୍ଚାୟତ ଗତରେଇ ଗ୍ରାମରେ ବେଆଇନ ଭାବେ ହାଟ ଚାଲିଛି। ପ୍ରଶାସନର ବିନା ଅନୁମୋଦନରେ ଚାଲିଥିବା ଉକ୍ତ ହାଟ ତୁରନ୍ତ ବନ୍ଦ କରିବାକୁ ବିରିବୋଲେଇ ଗ୍ରାମବାସୀ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କୁ ଭେଟି ଦାବି ଜଣାଇଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଗତରେଇ ଗ୍ରାମରେ ପ୍ରତି ଶନିବାର ହେଉଥିବା ସାପ୍ତାହିକ ହାଟ ପଞ୍ଚାୟତର ଅନୁମୋଦନ ଲାଭ କରିନାହିଁ। କେତେଜଣ ବ୍ୟକ୍ତି ଚକ୍ରାନ୍ତ କରି ବ୍ୟବସାୟ କରି ଆସୁଛନ୍ତି। ଏଠାରେ ଓଜନମାପରେ ଠକେଇ, ଅଧିକ ଦରରେ ସାମଗ୍ରୀ ବିକିବା ଅଭିଯୋଗ ହୋଇ ଆସୁଛି। ପୂର୍ବରୁ ବିରିବୋଲେଇରେ ହାଟ ହେଉଥିଲା। ତେବେ ପ୍ରଶାସନର ବିନା ଅନୁମତିରେ ଗତରେଇରେ ହାଟ କରାଯାଉଛି, ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଆପତ୍ତି କରିଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ କୁହନ୍ତି, ତୁରନ୍ତ ହାଟ ବନ୍ଦ କରାଯିବ। ଏ ନେଇ ସେ ବିଡିଓ ଏବଂ ଥାନାଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

# ଭିଜିଲାନ୍ସ ଜାଲରେ ହିନ୍ଦୋଳ ଏସ୍‌ଡିପିଓ

**ଢେଙ୍କାନାଳ ଅଫିସ୍, ୧୬**

ସୁବିଧାରେ ପଥର ପରିବହନ କରାଇଦେବା କହି ଜଣେ ଲିଜ୍‌ଧାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ଏସ୍‌ଡିପିଓ ମଳୟ କିଶୋର ନାୟକ। ଭୁବନେଶ୍ୱର, ପୁରୀ, ଅନୁଗୋଳ, ଢେଙ୍କାନାଳ, ହିନ୍ଦୋଳ ଏବଂ ସମ୍ବଲପୁରରେ ଥିବା ଅଭିଯୁକ୍ତ ଏସ୍‌ଡିପିଓଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ କରିବା ଲାଗି ଚଢ଼ାଉ ଜାରି ରହିଛି। ସ୍ୱାମୀ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ହିନ୍ଦୋଳ ସରକାରୀ ବାସଭବନରେ ରହୁଥିବା ସ୍ତ୍ରୀ ରୀତା ମହାପାତ୍ର ତାଲା ପକାଇ ଏକ ଦୁଇଚକିଆ ଯାନରେ ଚମ୍ପଟ୍ ମାରିଛନ୍ତି। ଯିବାବେଳେ ଏକ ବ୍ୟାଗ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ନେଇଯାଇଥିବା ଜଣାପଡ଼ିଛି। ତାଙ୍କୁ ଠାବ କରିବାକୁ ଭିଜିଲାନ୍ସ ଟିମ୍ ଉଦ୍ୟମ ଜାରି ରଖିଛି। ଏହି ଘଟଣାରେ କଟକ ଭିଜିଲାନ୍ସ ପିଏସ୍ କେସ୍ ନଂ. ୩୪/୨୨ରେ ଏକ ମାମଲା ରୁଜୁ କରାଯାଇଛି।

ଏସ୍‌ଡିପିଓ ମଳୟ ବିଭିନ୍ନ ସୂତ୍ରରୁ ଲାଞ୍ଚ ସଂଗ୍ରହ କରୁଥିବା ଭିଜିଲାନ୍ସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଖାଦାନରୁ ପଥର ପରିବହନ କରିଦେବା ଲାଗି ସେ ହିନ୍ଦୋଳ ବ୍ଲକ ବାଲିମୀ ଥାନା କାରନ୍ଦା ଅଞ୍ଚଳର ୪ଜଣ ପଥରଖଣି ଲିଜ୍‌ଧାରୀଙ୍କଠାରୁ


ଅଭିଯୁକ୍ତ ଏସ୍‌ଡିପିଓ ମଳୟ କିଶୋର ନାୟକ।

- ପଥର ଖାଦାନ ଲିଜ୍‌ଧାରୀଙ୍କଠାରୁ ନେଉଥିଲେ ୩୦ ହଜାର
- ସରକାରୀ କ୍ୱାର୍ଟର୍ସରେ ଚାବି ପକାଇ ସ୍ତ୍ରୀ ଚମ୍ପଟ
- ଢେଙ୍କାନାଳ, ସମ୍ବଲପୁର ସମେତ ୬ ସ୍ଥାନରେ ଚଢ଼ାଉ

୩୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ସଂଗ୍ରହ କରିବା ଲାଗି ସେ ସକାଳେ ହିନ୍ଦୋଳରୁ ବାଲିମୀ ଥାନାକୁ ଆସିଥିଲେ। ସେଠାରେ ଅଫିସ୍ ଗାଡ଼ି ରଖି ବାଲିମୀ ଥାନା ଜିପ୍‌ରେ କାରନ୍ଦାରେ ପହଞ୍ଚିଥିଲେ। ରାସ୍ତା ଉପରେ ଦୁଃଖବନ୍ଧୁ ସାହୁ ନାମକ ଜଣେ ପଥର କ୍ୱାରି ଲିଜ୍‌ଧାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବ ଯୋଜନା ଅନୁଯାୟୀ କଟକ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ମାଡ଼ିବସିଥିଲା। ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି।



ଏସ୍‌ଡିପିଓଙ୍କ ଅକ୍ତିଆରରେ ଥିବା ଢେଙ୍କାନାଳ ପୋଲିସ କଲୋନୀରେ କ୍ୱାର୍ଟର୍ସରେ ଚଢ଼ାଉ କରାଯାଉଛି।

ଶେଷ ସୂଚନା ସୁଦ୍ଧା ଅନୁଗୋଳ ଅମଲାପଡ଼ାରେ ଏକ ୨ ମହଲା କୋଠା, ସମ୍ବଲପୁର ଧନୁପାଲିରେ ଏକ ୨ ମହଲା କୋଠା, ଭୁବନେଶ୍ୱର ଶଙ୍କରପୁର ଟାଟା ଏରିଆନାଠାରେ ଏକ ଫ୍ଲାଟ (ନଂ. ୫୦୩), ପୁରୀ କାଶୀଜଗନ୍ନାଥପୁରରୁ ଏକ ପ୍ଲାଟ୍ ଠାବ କରାଯାଇଛି। ସେହିପରି ସମ୍ବଲପୁର ସାର୍ଲାକଣିଠାରେ ୩୦ ଡେସିମିଲ୍ ଜାଗା ମିଳିଛି। ଅପରପକ୍ଷେ ନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ହିନ୍ଦୋଳସ୍ଥିତ ସରକାରୀ କ୍ୱାର୍ଟର୍ସ ତାଲା ଭଙ୍ଗାଯାଇ ଯାଞ୍ଚ କରାଯାଇଛି। ସେହିପରି ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ପୋଲିସ କଲୋନୀରେ କ୍ୱାର୍ଟର୍ସ (ନଂ.ଇ/୧୫)କୁ ନିଜ ଅକ୍ତିଆରରେ ରଖିଥିଲେ। ଏସ୍‌ପିଙ୍କ ଅନୁମତିକ୍ରମେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ କ୍ୱାର୍ଟର୍ସ ତାଲା ଭାଙ୍ଗି ତନାଘନା କରିଛନ୍ତି। ସେଠାରୁ ସୌଖିନ ଫର୍ନିଚର, ବୈଦ୍ୟୁତିକ ଉପକରଣ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୬ ହଜାର ୬୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ବିଭିନ୍ନ ବ୍ୟାଙ୍କ ଜମା ଏବଂ ବୀମା ଡିପୋଜିଟ୍‌ର ଯାଞ୍ଚ ଚାଲିଛି। ଭିଜିଲାନ୍ସର ବୈଷୟିକ ବିଭାଗ ପକ୍ଷରୁ ବାସଗୃହ ଏବଂ ଜମିଜମାର ଆକଳନ ଚାଲିଛି। ଯାଞ୍ଚ ଜାରି ରହିଥିବାରୁ ସମ୍ପତ୍ତି ପରିମାଣ ବଢ଼ିବା ସମ୍ଭାବନା ରହିଛି। ଏସ୍‌ଡିପିଓ ଏଟିଏମ୍ ଟ୍ରାନ୍ସଫର, ଫୋନ୍ ପେ', ଗୁଗଲ ପେ' ମାଧ୍ୟମରେ ଲାଞ୍ଚ କାରବାର ଚଳାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏ ସମ୍ପର୍କରେ ଅଧିକ ସୂଚନା ସଂଗ୍ରହ କରିବା ଲାଗି ଭିଜିଲାନ୍ସ ସାଇବର ସେଲ୍, ବ୍ୟାଙ୍କିଙ୍ଗ୍ କନ୍‌ସଲଟାଣ୍ଟ, ଅର୍ଥ ବିଶେଷଜ୍ଞଙ୍କ ସହାୟତାରେ ତଦନ୍ତ ଜାରି ରହିଛି।

# ଡାକ୍ତର ନିଯୁକ୍ତି, ଆମ୍ବୁଲାନ୍ସ ସେବା ଦାବି

**କାମାକ୍ଷାନଗର, ୧୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାର ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ସମାଧାନ ପାଇଁ ଆଗେଇ ଆସିଛି ବ୍ଲକ ସାମ୍ବାଦିକ ସଂଘ। କଙ୍କଡ଼ାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ମହାବିରୋଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା ଲାଗି ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କଙ୍କଡ଼ାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକ ଅନ୍ତର୍ଗତ ୬ ପଞ୍ଚାୟତ ଏବଂ ପଡ଼ୋଶୀ କେନ୍ଦୁଝର ଜିଲା ତେଲକୋଇ ବ୍ଲକର ଲକ୍ଷାଧିକ ଲୋକ ନିର୍ଭରଶୀଳ। ତେବେ ଆବଶ୍ୟକ ଡାକ୍ତର ନ ଥିବାରୁ ରୋଗୀମାନେ କାମାକ୍ଷାନଗର, ତାଳଚେର, ଢେଙ୍କାନାଳ ମେଡିକାଲ ଉପରେ ନିର୍ଭର କରୁଛନ୍ତି। ସେହିପରି ମହାବିରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ନାହିଁ। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଜରୁରିକାଳୀନ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲରେ ପହଞ୍ଚିବାରେ ବିଳମ୍ବ କାରଣରୁ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇପଡୁଛି। ତେଣୁ ଏ ଦିଗରେ ପଦକ୍ଷେପ ନେବାକୁ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ଦିବ୍ୟସିଂହ ଦେହୁରୀ, ଅରବିନ୍ଦ ପାଳ, ସୁମିତ୍ରା ମିଶ୍ର, ରୀତେଶ ବ୍ରହ୍ମା, ସୁବାସ ପ୍ରଧାନ, କ୍ଷୀରୋଦ ଦେହୁରୀ ପ୍ରମୁଖ ଦାବି କରିଛନ୍ତି।


ସାମ୍ବାଦିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବରିଷ୍ଠଙ୍କୁ ଅବହେଳା ସହ୍ୟ କରାଯିବନି

**ଢେଙ୍କାନାଳ ଅଫିସ, ୧୬**

ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ସ୍ୱତନ୍ତ୍ର ବୈଠକ ସହରସ୍ଥିତ ନୂଆପୋଖରୀ ନିକଟ ପିପାର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଣତ ବୟସରେ ବରିଷ୍ଠଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ସହ୍ୟ କରାଯିବ ନାହିଁ। ଘରୋଇ ହିଂସାର ଶିକାର ହେଉଥିବା ଅଭିଯୋଗ ଆସିଲେ ତୀବ୍ର ପ୍ରତିବାଦ କରାଯିବ ବୋଲି ମତପ୍ରକାଶ ପାଇଥିଲା।

ସଭାପତି ଦୁର୍ଗାଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ କର, ଉପସଭାପତି ଯୋଗୀନାଥ ମହାନ୍ତି, ଅକ୍ଷୟ ସାହୁ, ଶଶାଙ୍କ ଶେଖର ରଥ, ବାହାଦୁର ପାଟସାହାଣୀ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ସମ୍ପାଦକ ଗୁଣଧର ମିଶ୍ର ବିବରଣୀ ପାଠ କରିଥିଲେ। ହିନ୍ଦୋଳ ବରିଷ୍ଠ ନାଗରିକ ପରିଷଦ ସଭାପତି ଶ୍ରୀନିବାସ ମିଶ୍ର, କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଧର, ଉପଦେଷ୍ଟା ଚୈତନ୍ୟ ସାହୁ, ବରିଷ୍ଠ ସଭ୍ୟ ରତିକାନ୍ତ ଗଡ଼ନାୟକ, ମହେଶ୍ୱର ସାମଲ, ନବକିଶୋର ସାହୁ, ଭୁବନ ବ୍ଲକ ସଭାପତି ବ୍ରଜକିଶୋର ରାଉତଙ୍କ ସମେତ କଙ୍କଡ଼ାହାଡ଼, ଓଡ଼ାପଡ଼ା, କାମାକ୍ଷାନଗର, ପରଜଙ୍ଗ, ଗଁଦିଆ ବ୍ଲକରୁ ବହୁ ସଂଖ୍ୟାରେ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

ଭାରତ ବିକାଶ ପରିଷଦ ସଭାପତି ବାବୁଚାନ୍ଦ ମହାଳିକ, ନବନିର୍ମାଣ କୃଷକ ସଙ୍ଗଠନ ଉପସଂଯୋଜକ ବିପ୍ରବର ସାହୁ, ଭାବଗ୍ରାହୀ ପରିଡା, ବ୍ରଜ ପଟ୍ଟନାୟକ, ପଞ୍ଚାନନ ପାଳ, କ୍ଷୀରୋଦ ଚନ୍ଦ୍ର ନାୟକ, ଡ. ଧର୍ମାନନ୍ଦ ପୃଷ୍ଟି, ଅଶୋକ ଶରଣ ପ୍ରମୁଖ ବରିଷ୍ଠ ନାଗରିକଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ଉପରେ ଆଲୋଚନା କରିଥିଲେ। ଅମ୍ବିକା ବରାଳ, ରୁଦ୍ର ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଧର୍ମାନନ୍ଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ପରିଷଦର ସଦସ୍ୟମାନେ।

# ରାସ୍ତାରେ ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା

**ଢେଙ୍କାନାଳ ଅଫିସ, ୧୬**

ରାସ୍ତା ପାର ହେଉଥିବା ବେଳେ ହିଂସ୍ର ଦନ୍ତାହାତୀ ହାବୁଡ଼ରେ ପଡ଼ି ଜଣେ ବୃଦ୍ଧାଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲା ଗଁଦିଆ ଥାନା ନେଉଳପୋଇ ଗ୍ରାମ ରାସ୍ତାରେ ବୁଧବାର ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତକ ହେଲେ ବନିତା ସାମଲ (୬୨)। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବନିତା ଭୋର ସମୟରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତାହାତୀ ବାହାରି ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ପାଇ କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତି, ଫରେଷ୍ଟର ସସ୍ମିତା ସ୍ୱାଇଁ, ଗଁଦିଆ ଥାନା, ଯୋରନ୍ଦା ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ନଂ. ୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଡିଏଫ୍‌ଓ ଡ. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି।

# ଯୁବପିଢ଼ିଙ୍କ ଜୀବନ ନେଉଛି ତମାଖୁ


ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ମାନପତ୍ର ପ୍ରଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୬**

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ତମାଖୁ ବର୍ଜନ ଦିବସ–୨୦୨୨ ପାଳିତ ହୋଇଯାଇଛି। ଆଜିକାର ଯୁବପିଢ଼ି ବହୁଳମାତ୍ରାରେ ତମାଖୁ ସେବନ କରୁଛନ୍ତି। ଏହି ମାରାତ୍ମକ ନିଶା ଜୀବନ ନେଉଛି। ବ୍ୟାପକ ସଚେତନତା ଦ୍ୱାରା ଏଥିରୁ ମୁକ୍ତି ମିଳିବ ବୋଲି ମତପ୍ରକାଶ ପାଇଥିଲା।

ସମ୍ପ୍ରତି ଯୁବ ସମାଜରେ ତମାଖୁ ସେବନ ଚିନ୍ତାର କାରଣ ପାଲଟିଛି। ତମାଖୁ ସେବନ ଦ୍ୱାରା ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜୀବନ ଯାଉଛି। ଏହି ନିଶା କବଳିତ ବ୍ୟକ୍ତି କରୋନା ସଂକ୍ରମିତ ହେଲେ ଗୁରୁତର ହେବାର ଆଶଙ୍କା ଥାଏ। ପୃଥିବୀରେ ବାର୍ଷିକ ଅଣସଂକ୍ରମଣ ଜନିତ ମୃତ୍ୟୁ ୬୩% ବୋଲି ଆକଳନ କରାଯାଇଛି। ତନ୍ମଧ୍ୟରୁ ତମାଖୁ ସେବନଜନିତ ମୃତ୍ୟୁ ସର୍ବାଧିକ। ଭାରତରେ ତମାଖୁ ସେବନ ମୃତ୍ୟୁ ମହାମାରୀ ପାଲଟିଛି। ଏହି ଘାତକ ନୀରବ ନିଶା କର୍କଟ, ହୃଦ୍‌ରୋଗ, ମଧୁମେହ, ମସ୍ତିଷ୍କ ଆଘାତ ଭଳି ଦୁରାରୋଗ୍ୟ ବ୍ୟାଧିକୁ ନିମନ୍ତ୍ରଣ କରୁଛି। ଏଥିରେ ପଡ଼ି ବାର୍ଷିକ ୨୭ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ଆଲୋଚନାରୁ ଜଣାପଡ଼ିଛି।

### ସଚେତନତା ସୃଷ୍ଟି ପାଇଁ ଶପଥପାଠ

ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ତମାଖୁ ସେବନର ଅପକାରିତା ଏବଂ ଏହାକୁ ବର୍ଜନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଦେବରାଜ ପରିଡ଼ା, ଜିଲା ଉପ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ନନ୍ଦ କିଶୋର ମଲ୍ଲିକ, ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକର୍ତ୍ତା, ଢେଙ୍କାନାଳ କଲେଜର ଏନ୍‌ଏସଏସ୍ ଛାତ୍ରୀଛାତ୍ର ଉପସ୍ଥିତ ରହି ତମାଖୁ ବର୍ଜନ ଲାଗି ସଚେତନତା ସୃଷ୍ଟି କରିବାକୁ ଶପଥପାଠ କରିଥିଲେ। ଏହି ଅବସରରେ ବକ୍ତୃତା, ରଙ୍ଗୋଲି, ସ୍ଲୋଗାନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରସିଦ ନକଲ କରି ବାଲିଚାଲାଣ

**କାମାକ୍ଷାନଗର, ୧୬(ଡି.ଏନ୍.ଏ.)**

ତହସିଲ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ରସିଦ ବହି (ୱାଇ–ଫର୍ମ) ନକଲ କରି ବାଲିଘାଟରୁ ବାଲି ଚାଲାଣ କରିବା ମହଙ୍ଗା ପଡ଼ିଛି। ଏଭଳି ବାଲି ଚାଲାଣ କରୁଥିବା ଦୁଇଟି ଟ୍ରକ୍ (ନଂ. ଓଆର୍ ୦୪ ଇ ୦୦୯୭ ଏବଂ ଓଆର୍ ୧୯ ବି ୧୨୨୮)କୁ ଜବତ କରିଛନ୍ତି କାମାକ୍ଷାନଗର ସହକାରୀ ଜିଲାପାଳ ମଦନମୋହନ ଜେନା। ସମ୍ପୃକ୍ତ ଗାଡ଼ି ମାଲିକଙ୍କ ନିକଟରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଭୁବନ ରାଜସ୍ୱ ସର୍କଲର ଜୟପୁର ବାଲିଘାଟକୁ ୨୦୨୦–୨୧ ବର୍ଷ ପାଇଁ ନିଲାମ ନେଇଥିଲେ ମନୋଜ କୁମାର ପୋଥାଳ। ଉକ୍ତ ଘାଟରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସୂଚନା ମିଳିବା ପରେ ବୁଧବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଭୁବନ ପୋଲିସ ସହାୟତାରେ ସହକାରୀ ଜିଲାପାଳ ଚଢ଼ାଉ କରିଥିଲେ। ବାଲିଘାଟରୁ ବାଲି ପରିବହନ ପାଇଁ ତହସିଲ ପକ୍ଷରୁ ରସିଦ୍ ବହି (ୱାଇ ଫର୍ମ) ପ୍ରଦାନ କରାଯାଇଥାଏ। ତଦନୁଯାୟୀ ଗୋଟିଏ ଗାଡ଼ି ଦିନକୁ ଥରେ ବାଲି ପରିବହନ କରିବାକୁ ଅନୁମତି ରହିଛି। ହେଲେ ୱାଇ–ଫର୍ମ ରସିଦ୍‌ର ନକଲ

### ବାଲିଘାଟରେ ଚଢ଼ାଉ, ଜରିମାନା ଆଦାୟ

କରି ଗୋଟିଏ ଗାଡ଼ିରେ ଏକାଧିକ ଥର ବାଲିଚାଲାଣ କରାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଛି।

ସେହିପରି ଅଁଳାବେରେଣୀରେ ଲିଜ୍‌ଧାରୀ ଉମାକାନ୍ତ ସାହୁଙ୍କ ପଥର ଖାଦାନରେ ତୁମୁସିଙ୍ଗା ଆର୍‌ଆଇଙ୍କ ସହଯୋଗରେ ଚଢ଼ାଉ କରି ଏକ ବେଆଇନ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଗାଡ଼ି ମାଲିକଙ୍କ ନିକଟରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଭିନ୍ନ ଲଘୁ ଖଣିଜ ଉତ୍ସରୁ ବେଆଇନ ଭାବେ ଖଣିଜ ପଦାର୍ଥ ଚୋରାଚାଲାଣ ହେଉଛି। ଏଭଳି କାର୍ଯ୍ୟରେ ଲିପ୍ତଥିବା ବ୍ୟବସାୟୀଙ୍କଠାରୁ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସହକାରୀ ଜିଲାପାଳ ସତର୍କ କରାଇଛନ୍ତି। ଚଢ଼ାଉରେ ଗଡ଼ନୃସିଂହପ୍ରସାଦ, ଭୁବନ ରାଜସ୍ୱ ନିରୀକ୍ଷକଙ୍କ ସମେତ ତୁମୁସିଙ୍ଗା ଏବଂ ଭୁବନ ପୋଲିସ ସହାୟତା କରିଥିଲେ।



ଚଢ଼ାଉରେ ସାମିଲ ହୋଇଥିବା ପୋଲିସ ଏବଂ ପ୍ରଶାସନିକ ଅଧିକାରୀ।

# ପରିଦର୍ଶନ ଫଳପ୍ରଦ ହୋଇଛି

**ଢେଙ୍କାନାଳ ଅଫିସ, ୧୬**

ଭାରତ ଦର୍ଶନ ଷ୍ଟଡିଟୁର୍‌ରେ ମାସୌରିରୁ ଢେଙ୍କାନାଳ ଆସିଥିବା ୧୫ ଆଇଏଏସ୍ ପ୍ରୋବେଶନର ବୁଧବାର ଗସ୍ତ ସାରି ଫେରିଛନ୍ତି। ଶିଳ୍ପ ଜିଲା ଭ୍ରମଣ ସମୟରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଅନୁଭୂତି ହାସଲ କରିଛନ୍ତି। ଏହା ସେମାନଙ୍କ କାର୍ଯ୍ୟରେ ଆସିବ। ଷ୍ଟଡିଟୁର୍ ସଫଳ ହୋଇଥିବାରୁ ସେମାନେ ଖୁସିବ୍ୟକ୍ତ କରିଛନ୍ତି।

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆଇଏଏସ୍ ଶିକ୍ଷାନବିସମାନଙ୍କୁ ନେଇ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସେମାନଙ୍କୁ ଜିଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ, ଜନକଲ୍ୟାଣ ଲାଗି ନିଆଯାଇଥିବା ଅଭିନବ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଜିଲାରେ ୫–ଟି ଅଧୀନରେ ମୋ ସରକାର କାର୍ଯ୍ୟକ୍ରମ ଚାଲିଛି। ଇକୋ ଫ୍ରେଣ୍ଡଲି ଶିକ୍ଷା ବ୍ୟବସ୍ଥା କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ନିଃଶୁଳ୍କ ସେବା ପ୍ରଦାନ କରାଯାଉଛି। ପାନୀୟ ଜଳଯୋଗାଣ ଲାଗି ବହୁ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିସହ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି, ପ୍ରାଣୀପାଳନ, ଉଦ୍ୟାନ କୃଷି, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ବର୍ଜ୍ୟବସ୍ତୁ



ଜଣେ ଆଇଏଏସ୍ ଶିକ୍ଷାନବିସଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଉଛି।

- ଗସ୍ତ ସାରି ଫେରିଲେ ଆଇଏଏସ୍ ପ୍ରୋବେଶନର
- ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ ଜିଲାପାଳ

ପରିଚାଳନା, ସହରାଞ୍ଚଳବାସୀଙ୍କୁ ଜାଗା ମିଶନ, ବର୍ଷାଜଳ ଅମଳ ଭଳି ପଦକ୍ଷେପ ନିଆଯାଉଛି। ଦୁର୍ଗମ ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ଜିଲାରେ ହକିର ବିକାଶ ଲାଗି ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ ହୋଇଛି। ଶିଶୁ ମୃତ୍ୟୁହାର ହ୍ରାସ, ସାକ୍ଷରତା ହାର ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି। ସମସ୍ୟା ସମାଧାନ ଲାଗି ପ୍ରତି ମାସରେ ବୈଠକ ଡକାଯାଉଛି। ବ୍ଲକ, ଉପଖଣ୍ଡ, ଜିଲାସ୍ତରରେ ଅଭିଯୋଗ ଶୁଣାଣି କରାଯାଇ ଜିଲାବାସୀଙ୍କ ସୁବିଧା ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ଅବସରରେ ସେ ବୃତ୍ତିଗତ ଜୀବନ ଆରମ୍ଭ କରିବାକୁ ଯାଉଥିବା ଆଇଏଏସ୍ ଟ୍ରେନିଙ୍କ ସଫଳ କର୍ମମୟ ଜୀବନ କାମନା କରିଥିଲେ। ଆଇଏଏସ୍ ଶିକ୍ଷାନବିସ ମାନେ ଜିଲାର କଳା, ସଂସ୍କୃତି, ପ୍ରାକୃତିକ ପରିବେଶ ବିଷୟରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଛନ୍ତି। ସେମାନେ ଷ୍ଟଡିଟୁରକୁ ନେଇ ବେଶ୍ ସକାରାତ୍ମକ ଅଛନ୍ତି। ସେମାନଙ୍କ ଏହି ପରିଦର୍ଶନ ଫଳପ୍ରଦ ହୋଇଥିବା ଆଇଏଏସ୍ ପ୍ରୋବେଶନର ଦଳର ନୋଡାଲ ଅଫିସର ତଥା ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରକାଶ କରିଥିଲେ।

ଦୁଇଦିନିଆ ଗସ୍ତ କାଳରେ ଆଇଏଏସ୍ ଶିକ୍ଷାନବିସମାନେ କପିଳାସ ପୀଠ, ପ୍ରାଣୀ ଉଦ୍ୟାନ, ଯୋରନ୍ଦା ମହିମାଗାଦି, ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ଅଙ୍ଗନୱାଡି କେନ୍ଦ୍ର, ଅର୍ନାମେଣ୍ଟାଲ ଫିଶ୍ ସେଣ୍ଟର, କୋଟଗରାସ୍ଥିତ ରୁରାଲ ପାର୍କ, ୫–ଟି ସ୍କୁଲର ରୂପାନ୍ତରୀକରଣ କାର୍ଯ୍ୟ ବୁଲି ଦେଖିଥିଲେ। ବୁଧବାର ଜିଲା ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଭାରତ ଦର୍ଶନ ଷ୍ଟଡିଟୁର୍ ସଫଳ ହୋଇଥିବାରୁ ସେମାନେ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉଦୟ ମହାପାତ୍ର, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

